୬ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ, ୨୯ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଲା

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୧ ● ସଂଖ୍ୟା-୭୧ ● ୮ ଅପ୍ରେଲ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-71 ● 8th April 2024, Monday ● Bhubaneswar

Licensed to post without pre-payment of postage No- BN-60/22-24



# ମୋଦି ମଉଜ ମଜଲିସ କରିବାକୁ ଜନ୍ମ ହୋଇନି: ପ୍ରଧାନମନ୍ତ୍ରୀ

**ପାଟନା/ନାଡା, ୭।୪**



ବିହାରରେ ନିର୍ବାଚନୀ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣିଥରେ ବିକାଶକୁ ଏକ ନିର୍ବାଚନ ପ୍ରସଙ୍ଗ କରିଛନ୍ତି। ରବିବାର ଦିନ ପ୍ରଧାନମନ୍ତ୍ରୀ ବିହାରର ନାଡା ଜିଲ୍ଲାରେ ଏକ ନିର୍ବାଚନ ରାଲିକୁ ସମ୍ବୋଧିତ କରିଛନ୍ତି ଯେଉଁଠାରେ ସେ ବିଜେପି ପ୍ରାର୍ଥୀ ବିବେକ ଠାକୁରଙ୍କ ସମର୍ଥନରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ମଗଧର ଏହି ଭୂମିରେ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କର ସାହସ ରହିଛି । ଏହି କ୍ଷେତ୍ର ବିହାରର ପ୍ରଥମ ସିଏମ ବିହାର କେସରୀ ଶ୍ରୀକୃଷ୍ଣ ବାବୁଙ୍କ ଜନ୍ମସ୍ଥାନ। ଏହା ମଧ୍ୟ ଜୟପ୍ରକାଶ ନାରାୟଣଙ୍କର କର୍ମକ୍ଷେତ୍ର । ମୁଁ ସେ ସମସ୍ତଙ୍କୁ ସମ୍ମାନ କରେ।

ନାଡା ସର୍ବଦା ବିଜେପି ଓ ଏନଡିଏକୁ ନିଜର ସମ୍ପୂର୍ଣ୍ଣ ପ୍ରେମ ଏବଂ ଆଶୀର୍ବାଦ ଦେଇ ଆସିଛି। ନାଡା ସହିତ ସମଗ୍ର ବିହାରରେ ଏନଡିଏ ପତାକା ଉତ୍ତୋଳନ କରିବାକୁ ଯାଉଛି। ୧୦ବର୍ଷରେ ଦେଶ ଏକ ନୂତନ ବିକାଶର କାହାଣୀ ଲେଖିଛି ଏବଂ ବହୁତ ଉଚ୍ଚତାକୁ ଛୁଇଁଛି । ଆଜି ସମଗ୍ର ଦେଶବାସୀ ପୁଣି ଥରେ ମୋଦି ସରକାର ଆସୁ ବୋଲି କହୁଛନ୍ତି । ପୁରା ବିହାର ପୁଣି ଥରେ ମୋଦି ସରକାରକୁ ଚାହୁଁଛି। ମୁଁ ଲାଲକିଲ୍ଲାରେ କହିଥିଲି ଯେ ଏହା ହେଉଛି ଉପଯୁକ୍ତ ସମୟ। ୨୦୨୪ର ଏହି ନିର୍ବାଚନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଗତ ୧୦ ବର୍ଷ ମଧ୍ୟରେ ବିହାରର ଲୋକମାନେ ଜାତୀୟ ସ୍ୱାର୍ଥରେ ନିଆଯାଇଥିବା ନିଷ୍ପତ୍ତି ଦେଖିଛନ୍ତି। ଆଜି ବିହାରରେ ଆଧୁନିକ କାର୍ଯ୍ୟ କରାଯାଉଛି। ଆଜି ସାରା ବିଶ୍ୱରେ ଭାରତର ସ୍ୱର ଶୁଣିବାକୁ ମିଳୁଛି। ମୁଁ ଆପଣମାନଙ୍କୁ ଭେଟିବାକୁ ଆସିଛି। ମଉଜ ମଜଲିସ କରିବା ପାଇଁ ମୋଦିର ଜନ୍ମ ହୋଇ ନ ଥିଲା। କଠିନ ପରିଶ୍ରମ କରିବାକୁ ମୋଦି ଜନ୍ମ ହୋଇଥିଲା ଏବଂ ଏହା ୧୪୦କୋଟି ଦେଶବାସୀଙ୍କ ପାଇଁ କରିବାକୁ। ଲୋକମାନେ କୁହନ୍ତି ଯେ ମୁଁ ବହୁତ କାମ କରିଛି । କିନ୍ତୁ ମୋଦି କହୁଛି ଯେ ଏହା କେବଳ ଏକ ଟ୍ରେଲର।

ବର୍ତ୍ତମାନ ଆମେ ରନଓ୍ୱେରେ ଅଛୁ, ନୂତନ ଉଚ୍ଚତା ଅତିକ୍ରମ କରିବାକୁ ପଡିବ। ଆମକୁ ଦେଶ ଏବଂ ବିହାରକୁ ନୂତନ ଉଚ୍ଚତାକୁ ନେବାକୁ ପଡିବ। ବିହାରର ଲୋକମାନେ ଜଙ୍ଗଲରାଜ୍‌କୁ ଦେଖିଛନ୍ତି। ନୀତୀଶ ଏବଂ ସୁଶୀଲ ମୋଦିଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ବିହାର ଜଙ୍ଗଲ ରାଜଠାରୁ ଆଗକୁ ବଢିଥିଲା। ନୀତୀଶ ଜୀଙ୍କ ନେତୃତ୍ୱରେ ବିହାର ସେହି ପରିସ୍ଥିତିରୁ ଆଗକୁ ବଢିଛି। ଆଜି ଦେଶର ପ୍ରତ୍ୟେକ ଭଉଣୀ ମୋଦିଙ୍କ ଗ୍ୟାରେଣ୍ଟି ପାଇଛନ୍ତି। ବିହାରରେ ପ୍ରାୟ ୧.୨୫ କୋଟି ହେଉଛି ଉଜ୍ଜ୍ୱଳା। ମୋଦିର ଗ୍ୟାରେଣ୍ଟି ବିହାରର ୫.୫ କୋଟି ଲୋକ ରାସନ *(ପୃଷ୍ଠା ୭ରେ)*

# ରେକର୍ଡ ମାର୍ଜିନ ସାଙ୍ଗକୁ ତିନି ଚତୁର୍ଥାଂଶ ଆସନରେ ଜିତିବ ବିଜେଡ଼ି: ପାଣ୍ଡିଆନ

**ଭୁବନେଶ୍ୱର, ୭।୪**
**ନ୍ୟୁଜ୍ ବ୍ୟୁରୋ**



ବିଜେଡି ଏଥର ୧୪୭ ବିଧାନସଭା ଆସନ ମଧ୍ୟରୁ ତିନି ଚତୁର୍ଥାଂଶ ଆସନରେ ରେକର୍ଡ ମାର୍ଜିନରେ ବାଜିମାତ କରିବ ବୋଲି ଆକଳନ କରିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ନବୀନ ଓଡ଼ିଶା ଏବଂ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ଭୁବନେଶ୍ୱରଠାରେ ଆୟୋଜିତ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟସ୍ତରୀୟ କନଭେନସନରେ ଯୋଗ ଦେଇ ଶ୍ରୀ ପାଣ୍ଡିଆନ ଏହା କହିଛନ୍ତି । ସେ କହିଛନ୍ତି ଯେ, ଏଥର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେକର୍ଡ ମାର୍ଜିନରେ ବିଜୟୀ ହୋଇ ପୁଣି ଥରେ ସରକାରକୁ ଆସୁଛନ୍ତି। ବିଜେଡ଼ି ତିନି ଚତୁର୍ଥାଂଶ ଆସନରେ ବିଜୟୀ ହେବା ସୁନିଶ୍ଚିତ। ସେହିଭଳି ଲୋକସଭାରେ ମଧ୍ୟ ଗତଥରଠାରୁ ଭଲ ପ୍ରଦର୍ଶନ କରିବ। ଦଳ ସେଥିପାଇଁ ଲୋକଙ୍କଠୁ ଦୁଇଟି ଆଶୀର୍ବାଦ ଦରକାର । ଗୋଟିଏ ବିଧାନସଭା ପାଇଁ ଓ ଅନ୍ୟଟି ଲୋକସଭା ପାଇଁ । ପ୍ରାର୍ଥୀକୁ ଦେବେ ନାହିଁ ବରଂ ନବୀନ ପଟ୍ଟନାୟକ ଏବଂ ଶଂଖ ଚିହ୍ନକୁ ଦେବେ । କାରଣ ୧୪୭ ବିଧାନସଭା ଓ ୨୧ ଲୋକସଭା ଆସନରେ ନବୀନ ପଟ୍ଟନାୟକ ଏବଂ ଶଂଖ ଚିହ୍ନ ହି ଛିଡା ହୋଇଛି ବୋଲି ସେ କହିଛନ୍ତି । ବିକାଶ ଧାରାକୁ ଆହୁରି ଆଗକୁ ନେବା ପାଇଁ ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ବିଚାରରେ ସଶକ୍ତ ଓ ନବୀନ ଓଡ଼ିଶା ଗଠନରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଶ୍ରମିକଙ୍କ। ସବୁ ବିକାଶ କାମ ପଛରେ ରହିଛି ଶ୍ରମିକଙ୍କ ହାତ । ସେଥିପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଶ୍ରମିକମାନଙ୍କୁ ପ୍ରାଥମିକତା ଓ ସମ୍ମାନ ଦେଇ ଆସିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପିତା ବିଜୁ ପଟ୍ଟନାୟକ ଗୋଟେ ସମୟରେ ୧୧ଟଙ୍କାରୁ ୨୫ ଟଙ୍କାକୁ ଦୈନିକ ମଜୁରୀ ବୃଦ୍ଧି ପାଇଁ ଐତିହାସିକ ନିଷ୍ପତ୍ତି ନେଇଥିଲେ । ଏବେ ମଧ୍ୟ ନବୀନ ପଟ୍ଟନାୟକ ସର୍ବାଧିକ ୧୦୦ଟଙ୍କା ମଜୁରୀ ବୃଦ୍ଧି କରି ରେକର୍ଡ କରିଛନ୍ତି । ସରକାରଙ୍କ ବିଭିନ୍ନ ବିଭାଗ ୧୦୦ ଟଙ୍କା ମଜୁରୀ ବୃଦ୍ଧି ସପକ୍ଷରେ ନଥିଲେ । କାରଣ ୧୦୦ଟଙ୍କା ମଜୁରୀ ବୃଦ୍ଧି କଲେ ରାଜ୍ୟ ସରକାରଙ୍କ ଉପରେ ବାର୍ଷିକ ୫ରୁ ୬ହଜାର କୋଟି ଟଙ୍କାର ଅଧିକ ବୋଝ ପଡିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତିଥିଲା ଯେଉଁ ଶ୍ରମିକମାନେ *(ପୃଷ୍ଠା ୭ରେ)*

## ରେଳ ଷ୍ଟେସନ ବାହାରେ ମିଳିବ ଶସ୍ତା ଚାଉଳ-ଅଟା




**ନୂଆଦିଲ୍ଲୀ, ୭।୪**

ସୋସିଆଲ ମିଡ଼ିଆରେ କେତେକ ଭିଡିଓ ଦେଖିବାକୁ ମିଳିଥାଏ, ଯେଉଁଥିରେ କିଛି ମହିଳା ମୁମ୍ବାଇ ଲୋକାଲ ଟ୍ରେନରେ ସିଟ୍ ଉପରେ ବସି ପନିପରିବା କାଟୁଛନ୍ତି। ବାସ୍ତବରେ ମୁମ୍ବାଇ, କୋଲକାତା, ଚେନ୍ନାଇ, ଦିଲ୍ଲୀ ଭଳି ସହରରେ ଲୋକଙ୍କ ପାଖରେ ସମୟ ବହୁତ କମ ଥାଏ। ସେମାନଙ୍କୁ ଘରୁ ଅଫିସ ଏବଂ ଯାତ୍ରା କରିବାକୁ ଘଣ୍ଟା ଘଣ୍ଟା ବିତାଇବାକୁ ପଡିଥାଏ। ସମୟର ସଫଳ ଉପଯୋଗ କରିବା ପାଇଁ କିଛି ଲୋକ ରେଳ ଷ୍ଟେସନ ନିକଟରେ ଥିବା ରାସ୍ତାକଡ଼ ବିକ୍ରେତାମାନଙ୍କଠାରୁ ପନିପରିବା କିଣନ୍ତି ଏବଂ ଟ୍ରେନରେ ବସିଥିବା ସମୟରେ ଏହାକୁ କାଟି ଦିଅନ୍ତି।

ବର୍ତ୍ତମାନ ସେମାନେ ରେଳ ଷ୍ଟେସନ ପାଖରେ ଅଟା ଏବଂ ଚାଉଳ କିଣି ପାରିବେ। ଏହାର ଅନୁମତି ରେଳ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦାନ କରାଯାଇଛି।

ଦୈନନ୍ଦିନ ଜୀବନ ସହ ସଂଘର୍ଷ କରୁଥିବା ଲୋକଙ୍କ ପାଇଁ ରେଳ ବୋର୍ଡ ଏକ ନିଷ୍ପତ୍ତି ନେଇଛି । ଦେଶର ମନୋନୀତ ରେଳ ଷ୍ଟେସନରେ ଚାଉଳ ଏବଂ ଅଟା ବିକ୍ରିକୁ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା

**ଭୁବନେଶ୍ୱର, ୭।୪**
**ନ୍ୟୁଜ୍ ବ୍ୟୁରୋ**



ପ୍ରଚଣ୍ଡ ଖରା, ତତଲା ପବନ ଓ ଗୁଳୁଗୁଳିରୁ ରାଜ୍ୟବାସୀ ସାମାନ୍ୟ ଆଶ୍ୱସ୍ତି ଲାଭ କରିଛନ୍ତି । ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଛି । ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ପ୍ରାୟ ୧ ଘଣ୍ଟା ଧରି ବଜ୍ରପାତ ସହିତ ହାଲୁକା ବର୍ଷା ହୋଇଛି। କାଳବୈଶାଖୀ ବର୍ଷା ଯୋଗୁଁ ଭୁବନେଶ୍ୱରର ବହୁ ସ୍ଥାନରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି । ଆଗାମୀ ଦୁଇ ଦିନ ଯାଏଁ ବର୍ଷା ରାଜ୍ୟର କିଛି ସ୍ଥାନରେ ହେବାର ସମ୍ଭାବନା ଅଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଘଡ଼ଘଡ଼ି ସହିତ ବର୍ଷା ଓ ପବନ ବହିବ। ଏପ୍ରିଲ ୮ ତାରିଖରେ ବର୍ଷାର ପରିମାଣ ବଢିବାର ଆଶଙ୍କା ରହୁଛି।

ଚଳିତ ମାସ ୫ ଓ ୬ ତାରିଖରେ ରାଜ୍ୟର ତାପମାତ୍ରା ୪୩. ୫ଡିଗ୍ରୀ ଛୁଇଁଥିଲା। ୫ ତାରିଖରେ ଭୁବନେଶ୍ୱର ଓ ୬ ତାରିଖରେ ଅନୁଗୁଳବାସୀ ୪୩.୫ ଡିଗ୍ରୀରେ ସିଝିଥିଲେ। ସେହିପରି ୨୫ଟି ସହରରେ ପାରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା । ଏହି ଅସହ୍ୟ ତାତି ଓ ଗୁଳୁଗୁଳି ପରେ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ୬ଟି ଜିଲ୍ଲାକୁ ସତର୍କ ସୂଚନା ଦିଆଯାଇଛି ।

# ଏଆଇ କ୍ୟାମେରା ଜଗିବ ବିଏସ୍ଏବିଟି ସର୍ଭିସ ରୋଡ୍

## ଖଣ୍ଡଗିରିରୁ ଫାୟାରଷ୍ଟେସନ ୩ କିମି ଉପରେ କଡ଼ା ନଜର

**ଭୁବନେଶ୍ୱର, ୭।୪**
**ନ୍ୟୁଜ୍ ବ୍ୟୁରୋ**



ବାବା ସାହେବ ଭୀମରାଓ ଆମ୍ବେଦକର ବସ୍ ଟର୍ମିନାଲ (ବିଏସ୍ଏବିଟି) ସନ୍ନିକଟ ଏନ୍ଏଚ୍-୧୬ ସର୍ଭିସ ରୋଡରେ ଖଣ୍ଡଗିରିରୁ ଫାୟାର ଷ୍ଟେସନ ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତା(ଏଆଇ) ଯୁକ୍ତ କ୍ୟାମେରା ଲଗାଯିବ। ବସ୍‌ଗୁଡ଼ିକର ଯାତାୟାତକୁ ସହଜ ଓ ରାସ୍ତାରେ ବେଆଇନ ପାର୍କିଂ ରୋକିବାକୁ ବିଡିଏ ଏହି କ୍ୟାମେରା ଲଗାଇବା ପାଇଁ ଯୋଜନା କରିଛି । ଏଥିସହ ଉଚ୍ଚକ୍ଷମତା ସମ୍ପନ୍ନ ମାଇକ ମଧ୍ୟ ଲଗାଯିବ। ଫଳରେ ଯେଉଁ ବସ୍, ଅଟୋ ବେଆଇନ ଭାବେ ରାସ୍ତା ମଝିରେ ଗାଡ଼ି ରଖିବ ଏଆଇ କ୍ୟାମେରା ତୁରନ୍ତ ତାହାକୁ ଚିହ୍ନଟ କରିବା ସହ ଉକ୍ତ ସ୍ଥାନ ଖାଲିକରିବା ପାଇଁ ସ୍ୱତଃପ୍ରବୃତ୍ତ ଭାବେ ଘୋଷଣା କରିବ । ସେହିଭଳି ବସ୍ ଟର୍ମିନାଲ ମ୍ୟାନେଜମେଣ୍ଟ ସିଷ୍ଟମ (ବିଟିଏମଏସ୍) ମଧ୍ୟ ଏହାରି ଉପରେ ନଜର ରଖି ଟର୍ମିନାଲ ପରିସରରେ ଥିବା ସ୍ୱତନ୍ତ୍ର ସ୍କ୍ୱାଡ ଓ ପୁଲିସକୁ ଘଟଣାସ୍ଥଳକୁ ପଠାଇବାର ବ୍ୟବସ୍ଥା ରହିଛି। ଫାୟାର ଷ୍ଟେସନ *(ପୃଷ୍ଠା ୭ରେ)*

# ମାଲକାନଗିରିରେ ଜଳୁଛି ଜଙ୍ଗଲ: ବଢୁଛି ତାତି

**ମାଲକାନଗିରି, ୭।୪**
**ନ୍ୟୁଜ୍ ବ୍ୟୁରୋ**



ମାଲକାନଗିରି ଜିଲ୍ଲାରେ ଏବେ ଜଙ୍ଗଲ ଜଳୁଛି । ଜିଲ୍ଲାର ୫୦ ପ୍ରତିଶତରୁ ଅଧିକ ଅଞ୍ଚଳରେ ଏବେ ଜଙ୍ଗଲ ଜଳୁଛି । ବନ ବିଭାଗର ସଚେତନତା ସତ୍ତ୍ୱେ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଛନ୍ତି। ଜଙ୍ଗଲରେ ନିଆଁ ଲଗାଇବାର ମୁଖ୍ୟ କାରଣ ମଧ୍ୟରୁ ପୋଡୁ ଚାଷ ଏବଂ ମହୁଲ ଗୋଟାଇବା ଅନ୍ୟତମ। ଜଙ୍ଗଲର ଗଛଲତା ଏବେ ଶୁଖିଯାଇଥିବା ବେଳେ ଲୋକେ ଜଙ୍ଗଲକୁ ବିଭିନ୍ନ ସମୟରେ ଯାଉଥିବା ବେଳେ ଆସିଲା ବେଳକୁ ଜଙ୍ଗଲରେ ନିଆଁ ଲଗାଇ ଫେରନ୍ତି। ତେବେ ଏନେଇ ବନ ବିଭାଗ ଗାଁ ଗାଁରେ ଲୋକଙ୍କୁ ଜଙ୍ଗଲରେ ନିଆଁ ନଲଗାଇବାକୁ ବାରଣ କରିବା ସହ ଏହା ହେଲେ କି କି ଅସୁବିଧା ହେବ ସେନେଇ ଅବଗତ କରାଇଥିଲେ ମଧ୍ୟ ଲୋକେ ତାହା ଭୁଲି ପୁଣି ଜଙ୍ଗଲରେ ନିଆଁ ଲଗାଉଛନ୍ତି।

ଜଙ୍ଗଲରେ ନିଆଁ ଲିଭାଇବା ପାଇଁ ଏବେ ମାଲାକନଗିରି ବନ କର୍ମଚାରୀ ନାକେଦମ ହେଲେଣି । ରାତି ତମାମ *(ପୃଷ୍ଠା ୭ରେ)*

# ଗାଜା ଯୁଦ୍ଧକୁ ପୂରଣ ହେଲା ୬ ମାସ, ଯୁଦ୍ଧ ବିରତି ଉପରେ ପୁଣି ଗୁରୁତ୍ୱ

**ଜେରୁଜେଲମ, ୭।୪**

ଇସ୍ରାଏଲ ଉପରେ ହମାସର ଆକ୍ରମଣ ଓ ଏହାର ପ୍ରସ୍ତୁତିରେ ଗାଜା ପଟ୍ଟି ଉପରେ ଇସ୍ରାଏଲ ସେନାର ଆକ୍ରମଣକୁ ରବିବାର ୬ ମାସ ପୂରଣ ହୋଇଛି। ଏହି ସମୟରେ ଇସ୍ରାଏଲରେ ମୃତ୍ୟୁ ହୋଇଥିବା ୧,୨୦୦ ଇସ୍ରାଏଲ-ବିଦେଶୀ ନାଗରିକାଙ୍କ ଜବାବରେ ଇସ୍ରାଏଲ ସେନା ଗାଜାରେ ୩୩,୧୩୭ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହୋଇଛି।

ଏଥି ମଧ୍ୟରୁ ଦୁଇ ତୃତୀୟାଂଶ ମହିଳା ଏବଂ ଶିଶୁ ଅଟନ୍ତି । ଶନିବାର ଇସ୍ରାଏଲରୁ ଅପହରଣ ହୋଇଥିବା ଏଲାଡ କାଜିରଙ୍କ ମୃତଦେହକୁ ଇସ୍ରାଏଲ ସୈନ୍ୟବାହିନୀ ଗାଜାରେ ପାଇଥିଲେ । ଅକ୍ଟୋବର୭, ୨୦୨୩ ପରଠାରୁ ଗାଜାରେ ଇସଲାମିକ ଜିହାଦ ଗ୍ରୁପ ଦ୍ୱାରା ଏଲାଡ କାବୁ କରାଯାଇଥିଲା।

ସେ ଜୀବିତ ଥିବାବେଳେ ତାଙ୍କର ଦୁଇଟି ଭିଡିଓ ମଧ୍ୟ ସଶସ୍ତ୍ର ସଂଗଠନ ଦ୍ୱାରା ପ୍ରକାଶ ପାଇଥିଲା। ଛଅ ମାସ ମଧ୍ୟରେ ପୁଅର ନିରାପଦ ଫେରିବାରେ ବିଫଳ ହୋଇଥିବା ଏଲାଡଙ୍କ ମୃତ୍ୟୁପାଇଁ ପରିବାର ଇସ୍ରାଏଲ ସରକାରଙ୍କୁ ଦାୟୀ କରିଛନ୍ତି । ବର୍ତ୍ତମାନ ପ୍ରାୟ ୧୩୦ ଇସ୍ରାଏଲ ବନ୍ଦୀ ପାଲେଷ୍ଟାଇନ ସଂଗଠନରେ ରହିବେ ବୋଲି ଆଶା କରାଯାଉଛି।

ଗାଜା ଯୁଦ୍ଧ ହେତୁ ଆରବ ଜଗତରେ କ୍ରମାଗତ ଭାବେ ଖରାପ ପରିସ୍ଥିତି ମଧ୍ୟରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ପୁଣି ଥରେ ଯୁଦ୍ଧବିରତି ଉଲ୍ଲଂଘନ କଥା ଉଠାଇଛନ୍ତି। ସେ ମିଶର ଏବଂ କତାରର ନେତାଙ୍କ ସହ କଥା ହୋଇଛନ୍ତି, ଯେଉଁ କାରଣରୁ ଆଜି ଠାରୁ ଗାଜାରେ ପୁଣି ଥରେ ଯୁଦ୍ଧବିରତି ଉଲ୍ଲଂଘନ ଆରମ୍ଭ ହୋଇଛି।

ଏଥିରେ ଭାଗ ନେବାକୁ ହମାସ ଏହାର ଦଳ କାଇରୋକୁ ପଠାଇବ। ଆମେରିକା ଇସ୍ରାଏଲର ବନ୍ଧକମାନଙ୍କୁ ମୁକ୍ତ କରିବା ସହିତ ଗାଜାରେ ଅସ୍ତ୍ରବିରତି ଉଲ୍ଲଂଘନ କରିବାକୁ ଚାହୁଁଛି, ଯାହା ଦ୍ୱାରା ଏହି ଅଞ୍ଚଳରେ ବୃଦ୍ଧି ପାଉଥିବା ଉତ୍ତେଜନା ହ୍ରାସ ହୋଇପାରିବ। କିନ୍ତୁ ସ୍ଥାୟୀ ଯୁଦ୍ଧବିରତିଠାରୁ କମ କିଛି ପାଇଁ ହାମାସ ପ୍ରସ୍ତୁତ ନୁହେଁ।

ଏହି ଯୁଦ୍ଧରେ ବର୍ତ୍ତମାନ ପର୍ଯ୍ୟନ୍ତ ଗାଜାରେ ଇସ୍ରାଏଲର ଆକ୍ରମଣରେ ପ୍ରାୟ ୨୦୦ ରିଲିଫ କର୍ମଚାରୀଙ୍କର ମୃତ୍ୟୁ ଘଟିଛି, କିନ୍ତୁ ପ୍ରଥମ ଥର ପାଇଁ ଆମେରିକା ଏବଂ ୟୁରୋପୀୟ ଦେଶମାନେ ଏଭଳି ଦୃଢ ବିରୋଧ ପ୍ରଦର୍ଶନ *(ପୃଷ୍ଠା ୭ରେ)*

## ଯୁଦ୍ଧକୁ ନେଇ ଇସ୍ରାଏଲ ଜନତାଙ୍କ ବିକ୍ଷୋଭ

## ଦକ୍ଷିଣ ଗାଜାରୁ ସୈନ୍ୟ ପ୍ରତ୍ୟାହାର କଲା ଇସ୍ରାଏଲ

**ତେଲ ଆଭିବ, ୭।୪**

ଗାଜାରେ କ୍ରମାଗତ ସାଧାରଣ ଜନତାଙ୍କ ମୃତ୍ୟୁ ଏବଂ ଇସ୍ରାଏଲୀ ବନ୍ଧକଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଉପରେ ଚାପ ବଢିଚାଲିଛି । ଏହାକୁ ନେଇ ଇସ୍ରାଏଲରେ ସାଧାରଣ ଜନତା ରାସ୍ତାକୁ ଓହ୍ଲାଇଛନ୍ତି । ନିଜର ଦେଶରେ ବିକ୍ଷୋଭ ଓ ଆମେରିକାର ଚାପ ଯୋଗୁଁ ଇସ୍ରାଏଲ ଏବେ ଦକ୍ଷିଣ ଗାଜାରୁ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ଘୋଷଣା କରିଛି । ଅନ୍ୟପକ୍ଷରେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନାକ କହିଛନ୍ତି ଯେ ମାନବିକତା ଦୃଷ୍ଟିରୁ ଇସ୍ରାଏଲ-ହମାସ ବିବାଦକୁ ବନ୍ଦ କରାଯିବା ଉଚିତ । ଇସ୍ରାଏଲ ସେନାର ଜଣେ ମୁଖପାତ୍ର ରବିବାର କହିଛନ୍ତି ଯେ ସେନା ଦକ୍ଷିଣ *(ପୃଷ୍ଠା ୭ରେ)*

## ଏକାଳ ସକାଳ



ଏଘର ମାଉସୀ ସେଘର ପିଉସୀ
ଏମିତି କାହିଁକି କଲ
ଖାଇଲ ପିଇଲ ବକ୍‌ବକ୍ ହେଇ
ଶେଷରେ ଏଇଆ ଦେଲ
ଜନେ ଏକଥା କି ଭାବୁଥିଲ
ବେକାର କଥା ଖଟି ମାରିମାରି
ଜୀବନ ବର୍ବାଦ ହାଲ।

# ଚୀନର ନକଲି ରସୁଣ ଭାରତ ବଜାରରେ: ହାଇ ଆଲର୍ଟ ଜାରି



**ନୂଆଦିଲ୍ଲୀ, ୭।୪**

ଭାରତୀୟ ଖୁଚୁରା ବଜାରରେ ରସୁଣ ଦର ଏବେ କିଲୋଗ୍ରାମ ପିଛା ୨୦୦ ଟଙ୍କାରୁ ୨୪୦ ଟଙ୍କା ମଧ୍ୟରେ ରହିଛି। ରସୁଣ ଦର ବୃଦ୍ଧି ନେଇ ସାଧାରଣ ଲୋକେ ହନ୍ତସନ୍ତ ହେଉଥିବାବେଳେ ବଜାରରେ ଚୀନର ନକଲି ରସୁଣ ବିକ୍ରି ହେଉଥିବା ଖବର ନେଇ ଲୋକେ ଆତଙ୍କିତ ହୋଇ ପଡ଼ିଛନ୍ତି । ପ୍ରଶାସନ ପକ୍ଷରୁ ନକଲି ରସୁଣ ଚିହ୍ନଟ ଏବଂ ଏହାର ବିକ୍ରି ଉପରେ ଲଗାମ ଲଗାଇବା ପାଇଁ ହାଇ ଆଲର୍ଟରେ ରହିଛି । ନକଲି ରସୁଣ ଚୋରା କାରବାର ଉପରେ କଡ଼ା ନଜର ରଖିବା ପାଇଁ ସ୍ଥଳ ସୀମା ଶୁଳ୍କ ପକ୍ଷରୁ ଏକ ଟିମ ନେପାଳ ଏବଂ ବାଂଲାଦେଶ ସୀମାରେ ମୁତୟନ ହୋଇଛନ୍ତି । ଏହି କାର୍ଯ୍ୟରେ ସନ୍ଧାନୀ କୁକୁର ଦଳଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଏନେଇ ହୋଲ ସେଲର୍ସ ଏବଂ ବିଭିନ୍ନ ଗୋଦାମ ପାଇଁ ସତର୍କ ସୂଚନା ଜାରି କରାଯାଇଛି।

ସୀମା ଶୁଳ୍କ ଅଧିକାରୀଙ୍କ ଅନୁସାରେ ଉତ୍ତରପ୍ରଦେଶ, ବିହାର ଏବଂ ପୂର୍ବୋତ୍ତର ରାଜ୍ୟ ଗୁଡ଼ିକରେ ଏଭଳି ଚୋରା କାରବାରର ଚେର ଚୀନରୁ ଭାରତକୁ ଲମ୍ବିଛି। ନକଲି ରସୁଣ ଚୀନରୁ ନେପାଳ ବାଟେ ଭାରତକୁ ଚାଲାଣ ହେଉଛି ।୨୦୧୪ରେ ରସୁଣରେ ଫଙ୍ଗାଲ ସଂକ୍ରମଣ ହେବା *(ପୃଷ୍ଠା ୭ରେ)*

# ଆମେରିକା ସମେତ ୪ ଦେଶ ପକ୍ଷରୁ ଦକ୍ଷିଣ ଚୀନ ସାଗରରେ ମିଳିତ ନୌଭ୍ୟାସ: ଚୀନର ବଢିଲା ଚିନ୍ତା

**ମାନିଲା, ୭।୪**



ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଏବଂ ଫିଲିପାଇନ୍ସ ମିଳିତ ଭାବେ ଦକ୍ଷିଣ ଚୀନ ସାଗରରେ ପ୍ରଥମ ମିଳିତ ନୌଭ୍ୟାସ କରିବେ। ଦକ୍ଷିଣ ଚୀନ ସାଗରରେ ଚୀନର ରାଷ୍ଟ୍ରପତି ସି ଜିନପିଙ୍ଗ୍‌ଙ୍କ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଆକ୍ରମଣାତ୍ମକ କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ରୋକିବା ପାଇଁ ଏହି ମିଳିତ ନୌଭ୍ୟାସ କରାଯାଉଛି। ଏଥିରେ ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ ତାଲିମ ମଧ୍ୟ ଅନ୍ତର୍ଭୁକ୍ତ ହେବ।

ଚୀନ ଏହାକୁ ନେଇ ଏପର୍ଯ୍ୟନ୍ତ କୌଣସି ମନ୍ତବ୍ୟ ଦେଇନାହିଁ। ତେବେ ମିଳିତ ନୌଭ୍ୟାସ ଯୋଗୁ ଚୀନର ଚିନ୍ତା ବଢିବାରେ ଲାଗିଛି । ଶନିବାର ସେମାନଙ୍କ ପ୍ରତିରକ୍ଷା ମୁଖ୍ୟଙ୍କ ଦ୍ୱାରା ଜାରି ମିଳିତ ବିବୃତ୍ତିରେ ଏହି ଚାରି ଦେଶ କହିଛନ୍ତି ଯେ ଏହି ଚାରି ସହଯୋଗୀ ତଥା ସୁରକ୍ଷା ସହଯୋଗୀମାନେ ଶାନ୍ତିପୂର୍ଣ୍ଣ ଭାବେ ଭାରତର ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ଅପ୍ରେଲ, ସୋମବାର, ୨୦୨୪





## ନିର୍ବାଚନ ପାଇଁ ଗଞ୍ଜାମ ଦାଦନ ଶ୍ରମିକଙ୍କ ଘରବାହୁଡ଼ା

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଖେଇ ଆସୁଛି । ନିର୍ବାଚନ ବିଗୁଲବାଜି ପ୍ରଚାର ମଧ ଆରମ୍ଭ ହୋଇ ଗଞ୍ଜାମ ଜିଲ୍ଲା ଚଳଚଞ୍ଚଳ ହେଲାଣି । ଅନ୍ୟ ପକ୍ଷରେ ଗାଁ ଠାରୁ ଆରମ୍ଭ ହୋଇ ସହରଯାଏ ସବୁ ସ୍ଥାନରେ ଶହସ୍ରାଧିକ ଦଣ୍ଡ ଯାତ୍ରା ଜିଲ୍ଲାର ପରିସ୍ଥିତିକୁ ସରଗରମ କରୁଛି । ଦଣ୍ଡଯାତ୍ରା ମେଷ ସଂକ୍ରାନ୍ତି ଦିନ ଉଦ୍‌ଯାପିତ ହେବା ପରେ ନିର୍ବାଚନ ପ୍ରଚାର ଧୂମ୍‌ଧାମରେ ଆରମ୍ଭ ହୋଇଯିବ । ଏହି ଅବସରରେ ଅନ୍ୟ ରାଜ୍ୟ ତଥା ସୁରତ, ବାଙ୍ଗାଲୋର, ମୁମ୍ବାଇ, କେରଳ, ତାମିଲନାଡୁଓ ଚେନ୍ନାଇରୁ ପ୍ରତ୍ୟେ ହହଜାର ହଜାର ଗଞ୍ଜାମର ଦାଦନ ଶ୍ରମିକ ଟ୍ରେନ୍ ଓ ବସ୍ ଦ୍ୱାରା ଘରକୁ ଫେରୁଛନ୍ତି । ସୁରତରୁ ବହ୍ମପୁର ଆସୁଥିବା ଟ୍ରେନ ପୂରା ଭର୍ତ୍ତି ହୋଇ ଆସୁଛି । ଖବର ନେବାରେ ଜଣାପଡିଛି ଆସନ୍ତା ଦୁଇ ମାସ ଯାଏ ସୁରତ ଓ ମୁମ୍ବାଇରୁ ଆସୁଥିବା ଟ୍ରେନ୍‌ରେ ସଂରକ୍ଷିତ ଟିକଟ ନାହିଁ । ଏଣୁ ପୂର୍ବ ନିର୍ବାଚନ ଭଳି ଚଳିତ ଥର ମଧ ଗଞ୍ଜାମ ଜିଲ୍ଲାର ନେତାମାନେ ବସ୍ ଓ ଅନ୍ୟ ଗାଡ଼ି ସହାୟତାରେ ପ୍ରବାସୀ ଓଡ଼ିଆଙ୍କୁ ଘରକୁ ଆଣିବେ ବୋଲି ଅନୁମାନ କରାଯାଉଛି । ଅନ୍ୟ ପକ୍ଷରେ ଲକ୍ଷ ଲକ୍ଷ ଶ୍ରମିକ ଏକକାଳୀନ ଘର ବାହୁଡ଼ା ହେଉଥିବାରୁ ଏମାନଙ୍କ ମଧ୍ୟରେ ରହିଥିବା ଅସାମାଜିକଙ୍କ ଦିଗରେ ଜିଲ୍ଲା ପୁଲିସ୍ ପକ୍ଷରୁ ତୀକ୍ଷ୍ଣ ଦୃଷ୍ଟି ଦେବାସହ ମଦ କାରବାର ପାଇଁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।

## ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟ ନିମ୍ନମାନର : ସ୍ଥାୟିତ୍ୱ ନେଇ ସନ୍ଦେହ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଥିବା ୮ ଇ-୧ ନମ୍ବର କେନାଲ ଗାର୍ଡ଼ୱାର୍ଲ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଅତ୍ୟନ୍ତ ନିମ୍ନମାନର କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ଏହି କାର୍ଯ୍ୟର ସ୍ଥାୟିତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ୧୦୦ ମିଟର ଦୂରରେ ୮ ନମ୍ବର ଇ-୧ କେନାଲ ରହିଛି । ଏହି କେନାଲ କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ଅଧିନରେ ରହିଛି । ତେବେ ଜଳ ସମ୍ପଦ ବିଭାଗ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟରେ କୌଣସି ସମନ୍ୱୟ ରକ୍ଷା ହେଉନାହିଁ । ଏହି କେନାଲର ବାମପାର୍ଶ୍ୱରେ ଗାର୍ଡ଼ୱାଲ ନିର୍ମାଣ କରାଯିବା ନିମନ୍ତେ ୧୮ ଲକ୍ଷରୁ ଉର୍ଦ୍ଧ୍ୱ



ଟଙ୍କା ମଞ୍ଜୁର ହୋଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ୨ ବର୍ଷ ହେଲା ଏହି ଗାର୍ଡ଼ୱାଲ ନିର୍ମାଣ କାର୍ଯ୍ୟ ଠିକାଦାରଙ୍କ ମର୍ଜିରେ ଓ ମନ୍ଥର ଗତିରେ ଚାଲିଥିବାର ଅଭିଯୋଗ ହୋଇଛି । ଅଟକଳ ଅନୁଯାୟୀ ଏହି କାର୍ଯ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି । ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନ ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟ କରୁଥିଲେ ମଧ କୌଣସି ବିଭାଗୀୟ ଅଧିକାରୀ ଏହି କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଜଳ ସମ୍ପଦ ବିଭାଗର ଅଜାଣତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ କେନାଲ ଶଯ୍ୟାରେ ଗାର୍ଡ଼ୱାଲ ନିର୍ମାଣ କରାଯାଉଥିବା କାରଣରୁ ଦିନକୁ ଦିନ କେନାଲ ଶଯ୍ୟା ସଙ୍କୁଚିତ ହେବାରେ ଲାଗିଛି । ଫଳରେ କେନାଲର ଶେଷ ମୁଣ୍ଡକୁ ପାଣି ଯିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ଗାହାଣଙ୍କୁ ପଚାରିବାରୁ ସେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

## ଗ୍ରୀଷ୍ମ ପ୍ରବାହ ଜନିତ ଅଂଶୁଘାତ ସମସ୍ୟାର ମୁକାବିଲା ପାଇଁ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା-୦୩/୪: ରାଜ୍ୟରେ ଆରମ୍ଭ ହୋଇଯାଇଛି ଗ୍ରୀଷ୍ମର ଲହରୀ । ଏହାର ମୁକାବିଲା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶୂନ୍ୟମୃତ୍ୟୁହାର ଉପରେ ଗୁରୁତ୍ୱ ଦେବା ସହ ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ କ'ଣ ସବୁ ପଦକ୍ଷେପ ନେଇଛନ୍ତି ତାହାର ବିବରଣୀ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଶଯ୍ୟାର ବ୍ୟବସ୍ଥା କରିବା ସହ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଓ ଯଥାର୍ଥ ପରିମାଣର ଔଷଧ, ଓଆର୍‌ଏସ୍ ଆଦି ମହଜୁଦ୍ ରଖିବାକୁ ସ୍ୱାସ୍ଥ୍ୟ



ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ସ୍କୁଲ୍ ଓ ଅଙ୍ଗନୱାଡ଼ିରେ ପାନୀୟ ଜଳର ସୁବିଧା ଉପଲବ୍ଧ କରାଇବା ସହ ପର୍ଯ୍ୟାପ୍ତ ପରିମାଣର ଓଆର୍‌ଏସ୍ ପ୍ୟାକେଟ୍ ଆଦି ମହଜୁଦ ରଖିବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାନୀୟ ଜଳସେବା କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ତହସିଲ, ବ୍ଲକ୍, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଆଦି ସଂପୃକ୍ତ ବିଭାଗରେ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି ବୋଲି ଜିଲ୍ଲାପାଳଙ୍କୁ ବିଭାଗୀୟ ଅଧିକାରୀମାନେ ଅବଗତ କରାଇଥିଲେ । ଅଂଶୁଘାତ ଜନିତ ମୃତ୍ୟୁ ଖବର ୨୪ ଘଣ୍ଟା ମଧ୍ୟରେ ଜିଲ୍ଲା ପ୍ରଶାସନକୁ ଜଣାଇବା ସହ ଡାକ୍ତର ଓ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଯୁଗ୍ମ ତଦନ୍ତ କରାଯାଇ ଶବ ବ୍ୟବଚ୍ଛେଦ ରିପୋର୍ଟ ୩୬ ଘଣ୍ଟା ମଧ୍ୟରେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଅବଗତ କରିବାକୁ ସେ ପରାମର୍ଶ ଦେଇଥିଲେ । ନିରନ୍ତର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅନୀତା ପଟ୍ଟନାୟକ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବ୍ଲକ୍‌ର ବିଡିଓ, ସଂପୃକ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଥଣ୍ଡା ରୋଗୀଙ୍କୁ ଦେଇଦେଲେ କୁକୁରକାମୁଡ଼ା ଇଞ୍ଜେକ୍ସନ୍

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଅବାନ୍ତର ଘଟଣା ଘଟିଛି । ହାତ ଗୋଡ଼ ବିନ୍ଧା ହେଉଥିବାରୁ ଡାକ୍ତରଖାନା ଆସିଥିଲେ ଜଣେ ରୋଗୀ । ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦିଆଯାଇଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଛି । ସୂଚନାନୁଯାୟୀ, ଭଣ୍ଡାରିପୋଖରୀ ଥାନା ଅଧୀନ ଦକ୍ଷିଣବାଡ଼ ଗାଁର ୫୬ ବର୍ଷୀୟ ବିଜୟ ବିଶ୍ୱାଳଙ୍କ ଥଣ୍ଡା ଯୋଗୁ ଗୋଡ଼ହାତ ବିନ୍ଧା ହେଉଥିଲା । ସେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଡାକ୍ତରଙ୍କୁ ଦେଖାଇଥିଲେ । ଡାକ୍ତର ଦେଖି ପ୍ରେସ୍କ୍ରିପସନ ମଧ ଲେଖିଥିଲେ । ସେ ଅନ୍ୟ ଔଷଧ ସହ ଡାଇକ୍ଲୋଫେନାକ୍ ଇଞ୍ଜେକ୍ସନ ଲେଖିଥିଲେ । ବିଜୟ ଇଞ୍ଜେକ୍ସନ ନେବା ପାଇଁ ଲାଇନରେ ଥିଲେ । ସେଠାରେ ଇଞ୍ଜେକ୍ସନ ଦେଉଥିବା ନର୍ସ ଡାଇକ୍ଲୋଫେନାକ ଇଞ୍ଜେକ୍ସନ ବଦଳରେ ତାଙ୍କୁ କୁକୁର କାମୁଡ଼ା ଇଞ୍ଜେକ୍ସନ ଦେଇଦେଲେ । ଏହା ଜାଣିବା ପରେ ବିଜୟଙ୍କ ପରିବାର ଲୋକେ ନର୍ସଙ୍କୁ ଏ ସଂପର୍କରେ ପଚାରି ବୁଝିଥିଲେ । ତେବେ ସମାଧାନ ପରିବର୍ତ୍ତେ ସଂପୃକ୍ତ ନର୍ସ ବିଜୟଙ୍କ ପ୍ରେସ୍କ୍ରିପସନ ନେଇ ଡାକ୍ତରଖାନାରୁ ଛୁ ମାରିଥିଲେ । ବିଜୟଙ୍କୁ ପରିବାର ଲୋକେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ସଂପୃକ୍ତ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

## ଅବ୍ୟବସ୍ଥାରେ ଅଙ୍ଗନୱାଡ଼ି : କାର୍ଯ୍ୟାନୁଷ୍ଠାନ ପାଇଁ ଦାବି

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ସରକାର ମହିଳା ଓ ଶିଶୁଙ୍କ ବିକାଶ ଲାଗି ଯୋଜନା ଉପରେ ଯୋଜନା କରୁଥିବା ବେଳେ କିଛି କର୍ମଚାରୀ ଓ ଅଧିକାରୀଙ୍କ ଖାମଖିଆଲି ଯୋଗୁଁ ଚମ୍ପୁଆ ଉପଖଣ୍ଡରେ ସବୁ ଫେଲ୍ ମାରୁଥିବା ଦେଖିବାକୁ ମିଳୁଛି । କୋମଳମତି ଶିଶୁଙ୍କୁ ପ୍ରାକ୍ ଶିକ୍ଷା ସହିତ ପୁଷ୍ଟିକର ଖାଦ୍ୟ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଅଙ୍ଗନୱାଡ଼ି । ଉପଯୁକ୍ତ ପରିବେଶରେ ଖାଦ୍ୟ, ସ୍ୱାସ୍ଥ୍ୟ ସହିତ ଶିକ୍ଷାକୁ ଗୁରୁତ୍ୱ ଦେଇ ଗଢା ଯିବା କଥା ଶିଶୁଙ୍କ ଭବିଷ୍ୟତ । କିନ୍ତୁ ଏଠି ମାସ ମାସ ଧରି ଅବ୍ୟବସ୍ଥା ଭିତରେ ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ବେଳେ ଅଭିଯୋଗ ପାଇ ମଧ୍ୟ ପ୍ରଶାସନ ମହିଳା ଓ ଶିଶୁମାନଙ୍କୁ ଜାଣି ଜାଣି ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଖବରଅନୁସାରେ, ଦୀର୍ଘଦିନରୁ ଅବ୍ୟବସ୍ଥାରେ ଚାଲିଛି ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଗୁଣ୍ଡୁଣିଆ ପଞ୍ଚାୟତର ହାତୀଆନସା ଅଙ୍ଗନୱାଡ଼ି କେନ୍ଦ୍ର । ସାତ ମାସରୁ ଊର୍ଦ୍ଧ୍ୱ ହେବ ପ୍ରସୂତି, ଗର୍ଭବତୀ ମହିଳାଙ୍କୁ ମିଳୁନାହିଁ ପୁଷ୍ଟିକର ଖାଦ୍ୟ କି ଆନୁସଙ୍ଗିକ ସହାୟତା । ପିଲାଙ୍କୁ ମଧ୍ୟ ଦିଆଯାଉ ନାହିଁ ସକାଳ ଜଳଖିଆ । ଖାଦ୍ୟରେ ଅଧା ଦେବା ଅଙ୍ଗନୱାଡ଼ି ଦିଦି ଏକ ପ୍ରକାର ଭୁଲି ଯାଇଥିବା ବେଳେ କେନ୍ଦ୍ରର ଅଙ୍ଗନୱାଡ଼ି କର୍ମୀଙ୍କ ମନ ମର୍ଜିରେ କେନ୍ଦ୍ର ଚାଲୁ ଥିବାରୁ ଏହାକୁ ନେଇ ତେଜୁଛି ଅସନ୍ତୋଷ । କେନ୍ଦ୍ରକୁ ଆସୁ ଥିବା କୁନି କୁନି ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ତ ଦୂରର କଥା ସକାଳର ଜଳଖିଆ ମଧ୍ୟ ମିଳୁ ନାହିଁ । ଗ୍ରାମର ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ କୌଣସି ପୁଷ୍ଟିକର ଖାଦ୍ୟ ଦେବାର ନା ଧରୁ ନ ଥିବାବେଳେ ଜନ୍ମ ମୃତ୍ୟୁହାର ପଞ୍ଜିକରଣ ମଧ୍ୟ କରାଯାଉ ନ ଥିବାରୁ ଗ୍ରାମର ଲୋକେ ପ୍ରମାଣ ପତ୍ର ପାଇବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଯାହାକୁ ନେଇ ବହୁବାର ଚମ୍ପୁଆ ଉପଜିଲ୍ଲାପାଳ ତଥା ଝୁମ୍ପୁରା ସିଡିପିଓଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ଏହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖା ଦେବା ସହ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ହୋ ହାଲ୍ଲା ମଧ୍ୟ କରିଥିବା ଦେଖିବାକୁ ମିଳିଛି । ତେବେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ୯ରେ ଜୟରାଷ୍ଟ୍ର ସଂଗଠନ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ାର ସାମାଜିକ ସଂଗଠନ ଜୟରାଷ୍ଟ୍ର ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବାରଙ୍ଗେଇ ଠାକୁରାଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଏପ୍ରିଲ ୯ ତାରିଖ ଦିନ ହିନ୍ଦୁ ନବବର୍ଷ ଯଥାରୀତି ପାଳନ କରିବା ପଡାଇଁ ନିଷ୍ପତ୍ତି ନିଆଯିବା ସହ ସେହିଦିନ ବାରଙ୍ଗେଇ ଠାକୁରାଣୀ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ବିଶ୍ୱଶାନ୍ତି ଯଜ୍ଞ ସମୂହ ପ୍ରାର୍ଥନା ଇତ୍ୟାଦି କରାଯିବ । ଅନୁଷ୍ଠାନର ସଦସ୍ୟମାନେ ୫ଟି ପରିବାରକୁ ଏହିବାର୍ତ୍ତା ଦେବା ସହ ନବ ବର୍ଷ ପାଳନ ପାଇଁ ସୂଚନା ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଜ୍ୟୋତି ରଂଜନ ନାୟକ, ପଙ୍କଜ ସିଂହ୍ନା, ଲକ୍ଷ୍ମୀକାନ୍ତ ନାୟକ, ନିରଂଜନ ଦାସ, ରଶ୍ମି ରଂଜନ ସ୍ୱାଇଁ, ମଳୟ ସାହୁ, ବିକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ଗରମ ପେଜରେ ପଡ଼ି ଛାତ୍ର ଗୁରୁତର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ବାହାକଣ୍ଡିଆ ଅନନ୍ତ ନାରାୟଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଘଟଣ । ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ରୋଷେଇ ଚାଲିଥିବା ବେଳେ ଗରମ ପେଜ କୁଣ୍ଡରେ ପଡ଼ି ଜଣେ ତୃତୀୟ ଶ୍ରେଣୀ ଛାତ୍ର ଗୁରୁତର ଆହାତ ହୋଇଛନ୍ତି । ଗୁରୁତର ଆହାତ ଛାତ୍ରଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଆହାତ ଛାତ୍ରଙ୍କୁ ସୁସ୍ଥ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି । ଶିକ୍ଷକ ଏବଂ ରୋଷେଆଙ୍କ ଖାମଖିଆଲ ପାଇଁ ଏଭଳି ଅଘଟଣ ଘଟିଛି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ ପରିବାର ଲୋକେ ।

## କଦମପଡ଼ା ଶିଶୁମନ୍ଦିରର ଶିଶୁବାଟିକାରେ ପ୍ରଥମ ଦିନୋତ୍ସବ କାର୍ଯ୍ୟକ୍ରମ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

କଦମପଡ଼ା ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଶିଶୁବାଟିକା ବିଭାଗରେ ନୂତନ ଭାବରେ ଶିଶୁବାଟିକାରେ ନାମ ଲେଖାଇଥିବା ଶିଶୁଙ୍କ 'ପ୍ରଥମ ଦିନୋତ୍ସବ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୮୦ଜଣ ଶିଶୁ ଓ ୧୬୦ଜଣ ଅଭିଭାବକ ଯୋଗ ଦେଇଥିଲେ । ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ତ୍ରିନାଥ କଅଁର, ଉପସଭାପତି ରବୀନ୍ଦ୍ର କୁମାର ପଣ୍ଡା, କୋଷାଧ୍ୟକ୍ଷ ପ୍ରକାଶ ତରିଆ, ଶିଶୁ ବାଟିକା ପ୍ରମୁଖ ବିଦୁତରେଖା କର, ଗୁରୁମା ଗୁରୁଜୀ ତଥା ଶିଶୁବୋଧ ଶ୍ରେଣୀର ଶିଶୁ ନୂତନ ଶିଶୁଙ୍କୁ ସ୍ୱାଗତ କରିଥିଲେ । ନୂତନ ଶିଶୁ ବିଦ୍ୟାଳୟରେ ପ୍ରବେଶ କରିବାପରେ ବିଧିଅନୁସାରେ ପୂଜାହୋମ କରାଯାଇଥିଲା । ଶେଷରେ ବିଦ୍ୟାଳୟର ବ୍ୟବସ୍ଥା ଆଧାରିତ ସୂଚନା, ଶିଶୁବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା । ନିରୀକ୍ଷଣ ଓ ପ୍ରସାଦ ସେବନ ପରେ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ସମସ୍ତ ଗୁରୁଜୀ ଗୁରୁମା, ସେବକ ଓ ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହିତ ସମାପନ ହୋଇଥିଲା ।

## ବନମାଳୀପୁର ଅକ୍ଷୟ ହତ୍ୟାକାଣ୍ଡର ପର୍ଦ୍ଦାଫାଶ



**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ବନମାଳୀପୁର ନୂଆସାହି ବଜାରରେ ଗତମାସ ୧୭ ତାରିଖରେ ଜଣେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମଝିହରା ପଞ୍ଚାୟତ ମହଲା ସାହିର ଅକ୍ଷୟ ମାଝୀ (୪୨) ଙ୍କୁ ଦଣ୍ଡାସାହି (ପଦପୋଖରୀ) ର ଦିଲୁ ଭୋଇ ଏବଂ ତାଙ୍କ ବାପା କାଳନ୍ଦୀ ଭୋଇ ମାରଣାସ୍ତ୍ର ଏବଂ ପଥରରେ ଛେଚି ହତ୍ୟା କରିଥିଲେ ।

ବାଲିପାଟଣା ପୁଲିସ ମୁଖ୍ୟ ଅଭିଯୁକ୍ତ ଦିଲୁ ଭୋଇକୁ ୨ ଦିନିଆ ରିମାଣ୍ଡରେ ଆଣି ହତ୍ୟାକାଣ୍ଡ ସ୍ଥାନକୁ ନେଇ କିପରି ହତ୍ୟା କରିଥିଲେ ତଥ୍ୟ ସଂଗ୍ରହ କରିଛି । ସେହି ଛାତି ଥରା କାହାଣୀ ସମ୍ପର୍କରେ ଦିଲୁ ପୁଲିସକୁ ଟିକିନିଖି କରି ବଖାଣିଛି । ହତ୍ୟାକାଣ୍ଡ ରାତିରେ ଦିଲୁ ଏବଂ ଅକ୍ଷୟ ନୂଆସାହି ବଜାରର ଏକ ସାର ଦୋକାନ ପିଣ୍ଡାରେ ବସି ନିଶା ସେବନ କରିଥିଲେ । ପରେ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ଦିଲୁଙ୍କ କହିବା ଅନୁଯାୟୀ ମୃତ ଅକ୍ଷୟ ତାଙ୍କୁ ଏକ ଛୁରୀରେ ପ୍ରଥମେ ଆକ୍ରମଣ କରିଥିଲେ । ରାଗରେ ଜର୍ଜରିତ ହୋଇ କାଳନ୍ଦୀ ଏବଂ ଦିଲୁ ଆକ୍ରମଣ କରି ଅକ୍ଷୟକୁ ଗୁରୁତର କରିଥିଲେ । ଫଳରେ ଚିକିତ୍ସାଧୀନ ଅବସ୍ଥାରେ ଅକ୍ଷୟଙ୍କ ମୃତ୍ୟୁ ହୋଇଥିଲା । ମୃତ ଅକ୍ଷୟଙ୍କ ପତ୍ନୀ ଶ୍ରାବଣୀଙ୍କ ଅଭିଯୋଗ ଆଧାରରେ ବାଲିପାଟଣା ପୁଲିସ ଗତ ୧୯ ତାରିଖରେ ବାଲିପାଟଣା ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଫେରାର ଥିବା ମୁଖ୍ୟ ଆସାମୀ ଦିଲୁ ୨୮ରେ କୋର୍ଟରେ ଆତ୍ମ ସମର୍ପଣ କରିଥିଲା । ଅକ୍ଷୟଙ୍କ ପତ୍ନୀଙ୍କୁ ଦିଲୁ ଏକତରଫା ପ୍ରେମ କରିବା କାରଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛ ।

## ଅଦିତି କଲେଜର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ

**ସୋନପୁର, ନ୍ୟୁଜ୍ ବ୍ୟୁରୋ**

ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱିତୀୟ ସାମ୍ବତ୍ସରିକ ଉତ୍ସବ ଆମ୍ବ ବିସ୍ତାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ବରିଷ୍ଠ ଇଂରାଜୀ ପ୍ରାଧ୍ୟାପକ ଭବାନୀ ଶଙ୍କର ରାଉତ ଯୋଗଦେଇ ପାଠପଢ଼ା ସହିତ ଛାତ୍ର ଛାତ୍ରୀମାନଙ୍କ ଅନ୍ତର୍ନିହିତ କଳାର ବିକାଶ ଲାଗି ଉଦ୍ୟମ ଆବଶ୍ୟକ ବୋଲି ମତ ରଖିଥିଲେ । ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ବରିଷ୍ଠ ଓଡ଼ିଆ ପ୍ରାଧ୍ୟାପକ ବାସୁଦେବ ପାତ୍ର ଯୋଗଦେଇ ଛାତ୍ର ଛାତ୍ରୀମାନେ ନିଜ ଅଂଚଳର ସଂସ୍କୃତି ସହିତ ଜଡ଼ିତ ହେବା ଉଚିତ ବୋଲି ମତ ରଖିଥିଲେ । ଅଦିତି କଲେଜର ଚେୟାରମେନ ଡଃ ଜ୍ୟୋତି ରଞ୍ଜନ ବହିଦାର ସଭାରେ ସଭାପତିତ୍ୱ କରି ଅନ୍‌ଲାଇନ ନୁହେଁ ନିଜର ପିଲା ଛୁଆର ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ପାଇଁ ମାଆମାନଙ୍କୁ ଅଫ୍ ଲାଇନ୍ ହେବାକୁ ପଡ଼ିବ ବୋଲି ମତ ଦେଇଥିଲେ । ଅଧାପିକା ଲଭଲୀ ଶ୍ରୀ ମିଶ୍ର ସଭା ସଂଯୋଜନା କରିଥିବାବେଳେ ଅଧାପକ ନିଶାନ୍ତ ମହାନ୍ତି ବାର୍ଷିକ ବୀବରଣୀ ପଠନ କରିଥିଲେ । କଲେଜ ଅଧକ୍ଷା ଶ୍ରୀମତି ଲିଖିତା ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅର୍ଥନୀତି ବିଭାଗ ଅଧାପିକା ଚିନ୍ମୟାନନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । କ୍ରିଡ଼ା, ସାଂସ୍କୃତିକ ତଥା ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ଶୁଭଶ୍ରୀ ପୃଷେଠ, ସ୍ୱଂୟସୌମ୍ୟା ବଡ଼ପଣ୍ଡା, ଗୁଣୀତା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରଯାଇଥିଲା । ଆର୍ଟ ଏଣ୍ଡ ପେଂଟିରେ ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀତାର ଶ୍ରେଷ୍ଠ ଛାତ୍ରୀ ପ୍ରଂଶସା ପ୍ରିୟଦର୍ଶିନି ଜେନା, ଯୁକ୍ତଦୁଇ ଟପ୍ପର ଛାତ୍ର ତିଲସ୍ମି ବାରିକ୍, ବେଷ୍ଟ ଷ୍ଟୁଡେଂଟ୍ ଭାବେ କରିନା ମହାକୁଡ଼, ଚଳିତ ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ ଶକ୍ତି ମେହେର, ଓ ସ୍ୱାଗତିକା ଜାଲ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହରର ତଥା ପାଖ ଆଖ ଅଂଚଳର ବିଭିନ୍ନ କଲେଜର ଅଧାପକ, ବୁଦ୍ଧିଜିବୀ, ସଚେତନ ନାଗରିକ, ଗଣମାଧମ ପ୍ରତିନିଧି ଯୋଗଦେଇ ଉତ୍ସବକୁ ଉପଭୋଗ କରି ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ ।

## ବାଜା ବାଣରେ ଦୁଲୁକିଲା କାକୁଡିକୁଦ ମେଳଣ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ବ୍ଲକର ଅନ୍ୟତମ ପ୍ରସିଦ୍ଧ କାକୁଡିକୁଦ ମିଳନ ଉତ୍ସବ । ଝାଲପଡ଼ା ପଞ୍ଚାୟତସ୍ଥ କାକୁଡିକୁଦ (ନୀଳକଣ୍ଠପୁର) ସତ୍ୟସାଇ ଖେଳ ପଡ଼ିଆରେ ଏହି ମିଳନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଚଳିତ ବର୍ଷ ଏହି ମେଳଣ ଉତ୍ସବ ୩୯ ବର୍ଷରେ ପଦାର୍ପଣ କରିଛି । ମେଳଣ କମିଟି ପକ୍ଷରୁ ମହା ଆଡମ୍ବରରେ ପାଳିତ କରାଯାଇଛି । ଏହି ମେଳଣ ଉତ୍ସବରେ ବ୍ରହ୍ମବରଦା ଛେନାଖିଆ ପାଟଣା ଗ୍ରାମର ଗୋପୀନାଥ ଜୀଉ ବିମାନ, କାକୁଡିକୁଦ (ନୀଳକଣ୍ଠପୁର) ରାଧାମାଧବ ଜୀଉ ବିମାନ, ଗୋପାଳ ପୁର ହିଙ୍ଗୁଳା ସାହିର ବୃନ୍ଦାବନ ଜୀଉ ବିମାନ, ବନ୍ଧଡିହ ବଅନ୍ଦାବନ ଜୀଉ ବିମାନ, ଜହଳର ରାଧାକାନ୍ତ ଜୀଉ ବିମାନ ସମେତ ସ୍ଥାନୀୟ ଅଞ୍ଚଳରୁ ମୋଟ ୨୦ରୁ ଉର୍ଦ୍ଧ୍ୱ ଛୋଟ ବିମାନ ଯୋଗ ଦେଇଥିଲେ । ଏହି ମେଳଣ ପଡିଆର ଚତୁଃପାର୍ଶ୍ୱରେ ସମସ୍ତ ବିମାନ ସୁସଜ୍ଜିତ ବିମାନରେ ଦଣ୍ଡାୟମାନ ହୋଇ ପ୍ରଭୁ ରାଧାକୃଷ୍ଣ ବିରାଜମାନ କରି କୀର୍ତ୍ତନ, ଘୋଡ଼ା ଓ ଷଣ୍ଢ ନାଚ ସହ ପୁରୁଣା ଲୋକକଳା ସଂଗୀତ ସହ ବାଜାବାଣରେ ରୋଷଣୀ କରି ଗୋଟିଏ ପରେ ଗୋଟିଏ ବିମାନ ଏକତ୍ର ହୋଇଥିଲେ ଏବଂ ଠାକୁର ବାଡିଙ୍କ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ପ୍ରଥମେ ସ୍ଥାନୀୟ ମେଣ୍ଢ ଶିଙ୍ଗଜୋରି ମଠରେ ଅଭୟ ନୃସିଂହ ବିମାନ ଥାନପତି ଆସନ ଅଳଙ୍କୃତ କରିବା ପରେ ସମସ୍ତ ବିମାନ ବିଜେ ହୋଇ ଥିଲେ । କମିଟି ପକ୍ଷରୁ ରୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଭୋଗ ଲାଗି କରାଯାଇଥିଲା । ପରେ ସମସ୍ତ ବିମାନ ଫଗୁ ଖେଳି ବିଦାୟ ନେଇ ଥିଲେ । ମେଳଣ କମିଟିର ସଭାପତି ନିରଞ୍ଜନ ଜେନା, ସମ୍ପାଦକ ରଘୁନାଥ ଜେନା, ସଭ୍ୟ ସରପଞ୍ଚ ଭାରତୀ ମଳିକ, ସମିତିସଭ୍ୟ ନିର୍ମଳ ସାମଲ, ଧନେଶ୍ୱର ପତି, ଅନନ୍ତ ପତି, ଭାଗବତ ଜେନା, ସୁବ୍ରତ ଜେନା, ନଟବର ସାମଲ, ଉତ୍କଳ ଜେନା, ରଂଜିତ ନାୟକ, ପ୍ରିୟନାଥ ରାଉତ, ମାଧବାନନ୍ଦ ଜେନା, ନିରଞ୍ଜନ ଗନ୍ତାୟତ, ବନମାଳୀ ମଳିକ, ଶିଶିର ରାୟ, ବାଦଲ ରାୟ ଓ ଦିଲୀପ ଜେନା ପ୍ରମୁଖ ମେଳଣ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ବ୍ରହ୍ମବରଦା ଥାନା ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟରେ ରଖି ମେଳଣ କମିଟି ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅସ୍ଥାୟୀ ଜଳଛତ୍ର କେନ୍ଦ୍ରରେ ଦହି ପାଣିର ବ୍ୟବସ୍ଥା କରାଯାଇଥିଲା ।

## ବରିଷ୍ଠ କଂଗ୍ରେସ ନେତାଙ୍କ ସ୍ମୃତି ସଭା



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକର ବରିଷ୍ଠ କଂଗ୍ରେସ ନେତା ସମାଜସେବୀ ହେମନ୍ତ କୁମାର ସ୍ୱାଇଁଙ୍କ ଏକାଦଶାହ ଉପଲକ୍ଷେ ଉପଲକ୍ଷେ ତାଙ୍କ ପୈତୃକ ଗ୍ରାମ କଲିଅଦା ଠାରେ ଏକ ସର୍ବଦଳୀୟ ଶୋକସଭା ବରିଷ୍ଠ ନେତା ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପ୍ରଦେଶ କଂଗ୍ରେସ ସମ୍ପାଦକ ବିପ୍ଳବ ଚୌଧୁରୀ, ବ୍ଲକ୍ ଉପାଧ୍ୟକ୍ଷ ରତି ରଞ୍ଜନ ବେହେରା, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି,ବରିଷ୍ଠ ନେତା ପ୍ରସନ୍ତ କୁମାର ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ମାନସ କୁମାର ରଥ, ଭାଗ୍ୟଧର ସ୍ୱାଇଁ, ଅବନୀ କାନ୍ତ ମହାରଣା, ଅଦୈତ କୁମାର ଜେନା, ସମିତି ସଭ୍ୟ ହିମାଂଶୁ ଶେଖର ପରିଡ଼ା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଆଶିଷ କୁମାର ମହାପାତ୍ର, ହେମନ୍ତ କୁମାର ମଲ୍ଲିକ, ନୃସିଂହ ନାୟକ, ନିରଞ୍ଜନ ସେନ, ରବିନ୍ଦ୍ର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଭ୍ରମରବର ସ୍ୱାଇଁ, ଯୁବ ନେତା ଲିପୁ ମହାନ୍ତି, ନାରାୟଣ କାନୁନଗୋ, ସଂଜିବ ମିଶ୍ର, କେଦାରନାଥ ପାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ହେମନ୍ତ କୁମାର ସ୍ୱାଇଁଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ସଭାପତି ସୁବୋଧ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସାମୁହିକ ବ୍ରତୋପନୟନରେ ଟିଟିଲାଗଡ଼ ତଥା ଆଖପାଖ ପଡ଼ୋଶୀ ଜିଲ୍ଲାରୁ ୧୩ଟି ବଟୁ ବ୍ରହ୍ମଚାରୀ ଦୀକ୍ଷା ଯାହାକି ବ୍ରତ ହୋଇଛନ୍ତି । ଟିଟିଲାଗଡ଼ ବ୍ରାହ୍ମଣ ସମାଜ ଆନୁକୂଲ୍ୟରେ ତଥା ବ୍ରାହ୍ମଣ ପରିବାରଙ୍କ ସହଯୋଗରେ ଏହି ବ୍ରତୋପନୟନ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବ୍ରାହ୍ମଣ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ମଙ୍ଗଳବାର ସମସ୍ତ ବଟୁଙ୍କ ଚାରିକର୍ମ କରାଯାଇଥିବା ବେଳେ ବୁଧବାର ହୋମଯଜ୍ଞ, ପଇତା ଧାରଣ, ମାମୁମାନଙ୍କ ଦ୍ୱାରା ପଞ୍ଚଗ୍ରାସୀ ତା'ପରେ ରୋଷଣୀ ଯାତ୍ରା କରିବା ପରେ ଏହି ବ୍ରତୋପନୟନ ସମ୍ପନ୍ନ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବ୍ରାହ୍ମଣ ସମାଜର ସମ୍ପାଦକ ସତ୍ୟବ୍ରତ ପଣ୍ଡା, ପୂର୍ବତନ ସଭାପତି ବିଶ୍ୱରାମ ଠାକୁର, ଜଗନ୍ନାଥ ପଣ୍ଡା, ପଣ୍ଡିତ ମନଧର ପଣ୍ଡା, ନଳିନୀକାନ୍ତ ରଥ, ସରୋଜ ରଥ, ଅଖିଳ ପଣ୍ଡା, ଜିତ ଦାସଙ୍କ ସହ ବିଶେଷ ପ୍ରସ୍ତୁତି କରି ସଫଳ ରୂପାୟନ କରିବାରେ ଅଗ୍ରଣୀ ଭୂମିକା ଦାୟିତ୍ୱ ତୁଲାଇଥିଲେ ଚିନ୍ତାମଣି ମହାପାତ୍ର, ବନମାଳୀ ଦାସ, ରାଜେନ୍ଦ୍ର ନାରାୟଣ ମିଶ୍ର ଏବଂ ଅନ୍ୟାନ୍ୟ ବ୍ରାହ୍ମଣ ସମାଜର ସଦସ୍ୟବୃନ୍ଦ ।

## ମନରେଗା ଯୋଜନାରେ ଠିକାଦାର : କାମ ନ ପାଇ ଗାଁ ଲୋକ ପାଳଟୁଛନ୍ତି ଦାଦନ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ମାନ୍ୟମକୋଣ୍ଡା ପଞ୍ଚାୟତରେ ମନରେଗା ଯୋଜନା ପାଲଟିଛି ପ୍ରହସନ । ଏହି ଲୋକାଭିମୁଖୀ ଯୋଜନାରେ ପ୍ରକୃତ ଜବକାର୍ଡ ଧାରୀମାନେ କାମ ନ ପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଥିବା ବେଳେ ଏହି ଯୋଜନାରେ କେତେକ ସ୍ଥାନରେ ବାହାର ଜିଲ୍ଲାର ଶ୍ରମିକ ଓ ମେସିନ ସାହାଯ୍ୟରେ କାମ କରୁଥିବା ଦେଖିବାକୁ ମିଳିଛି । ଏଭଳି ଏକ ମହତ୍ ଯୋଜନାକୁ ବିଭାଗୀୟ ଅଧିକାରୀ ଅର୍ଥର ଲାଳସାରେ ଲୋକଙ୍କୁ ନେଇ କାମ କରାଇବା ପରିବର୍ତ୍ତେ କିଛି ଠିକାଦାରଙ୍କ ସହଯୋଗରେ ମେସିନ ଓ ବାହାର ରାଜ୍ୟର ଶ୍ରମିକ ଲଗାଇ ପ୍ରକଳ୍ପ ଗୁଡିକୁ ଚଟାପଟ ସାରି ଦେଉଥିବା ଦେଖିବାକୁ ମିଳିଛି । ମୁଖ୍ୟତଃ ଦୁର୍ଗମ ଅଞ୍ଚଳ ତଥା ଆଦିବାସୀ ଅଧୁଷିତ ଇଲାକା ଦେଖି ପଞ୍ଚାୟତ ଓ ବ୍ଲକ କର୍ମଚାରୀଙ୍କ ଇଙ୍ଗିତରେ ସମ୍ପୃକ୍ତ ଅଞ୍ଚଳର ଠିକାଦାରଙ୍କୁ ନେଇ ଏଭଳି କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି । ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ମାନ୍ୟମକୋଣ୍ଡା ପଞ୍ଚାୟତର ଟାଗୁରକୋଟା ଗ୍ରାମରେ । ସୂଚନା ମୁତାବକ ୨୦୨୩-୨୪ ଆର୍ଥିକ ବର୍ଷରେ ୪,୯୦,୦୦୦ ଟଙ୍କା ବ୍ୟୟରେ କାଉଣ୍ଟରଟ୍ରେଞ୍ଚ କାମ ହୋଇଛି । ଏହି କାମରେ ଜଣେ ଠିକାଦାର ନବରଙ୍ଗପୁର ଜିଲ୍ଲାର ଶ୍ରମିକମାନଙ୍କୁ ନେଇ କାମ ସାରିଦେଇଥିବା ବେଳେ ଗାଁ ଲୋକେ କାମ ନ ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଏବଂ ଏହି କାମରେ ଯେତିକି ଗାତ ଖୋଳିବା କଥା ତାହା କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସଂପର୍କରେ କାମ କରୁଥିବା ଠିକାଦାରଙ୍କୁ ପଚାରିବାରୁ ମୋତେ ଏହି କାମ ଗ୍ରାମ ରୋଜଗାର ସେବକ ଦେଇଛି ଏବଂ ସ୍ଥାନୀୟ ଜବ କାର୍ଡ ଧାରୀ ଶ୍ରମିକ ନ ମିଳିବାରୁ ମୁଁ ନବରଙ୍ଗପୁର ଜିଲ୍ଲାର ଶ୍ରମିକ ଆଣି କାମ କରେଇଛି ବୋଲି କହିଛନ୍ତି । ତେବେ ଏ ନେଇ ସ୍ଥାନୀୟ ଲୋକଙ୍କୁ ପଚାରିବାରୁ ସେମାନେ ଏହି କାମ ମନରେଗାରେ ହୋଇଥିବା ଶୁଣିବାକୁ ପାଇଥିଲେ ମଧ କାର୍ଯ୍ୟ ପୂର୍ବରୁ କୌଣସି ବୈଠକ କିମ୍ବା ଡିମାଣ୍ଡ ମଧ ଗ୍ରହଣ କରାଯାଇନଥିବା କହିଥିଲେ । ବିଭାଗୀୟ ଅଧିକାରୀମାନେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଏହି ନିର୍ମାଣ କାର୍ଯ୍ୟ ସାରିବା ପରେ ଏକ ଅବୈଧାନିକ ପ୍ରକ୍ରିୟା ମାଧ୍ୟମରେ ପ୍ରକଳ୍ପର ଅର୍ଥରାଶି ଲୋକଙ୍କ ଆକାଉଣ୍ଟକୁ ଛାଡି ପୁଣି ଠିକାଦାର ସେହି ଅର୍ଥକୁ ଉଠାଉଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଲୋକ ନିଜ ନାମକୁ ଗୁପ୍ତରେ ରଖି କହିଛନ୍ତି । ତେବେ ଏନେଇ ସମ୍ପୃକ୍ତ ପଞ୍ଚାୟତର ଗ୍ରାମ ରୋଜଗାର ସେବକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ତାହା ସମ୍ଭବ ହୋଇ ପାରି ନଥିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ । ମନରେଗା ଭଳି ମହତ୍ ଯୋଜନାରେ ଏଭଳି ବ୍ୟବସ୍ଥା ସ୍ଥାନୀୟ ଅଞ୍ଚଳରେ ଲୋକଙ୍କୁ ଦୈନିକ ମଜୁରିରୁ ବଞ୍ଚିତ କରିବା ସହ ଦାଦନ ଶ୍ରମିକ ସୃଷ୍ଟି କରୁଥିବା ବୁଦ୍ଧିଜୀବୀ ମହଲରେ କୁହାଯାଉଛି ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

## ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ

କେନ୍ଦ୍ର ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି । ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି । ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ । ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା । କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ । ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା । ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି । ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି । ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ । ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା । ଏନ୍‌ଏସ୍‌ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି । ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା । ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ । କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି ।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ । ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା । ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ । କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରରେ ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା । ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ, ଗ୍ୟାସ, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି ।

# ଓଡ଼ିଆ ଅସ୍ମିତାର ପ୍ରତୀକ : ଉତ୍କଳଗୌରବ ମଧୁସୂଦନ (୨)



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ଭାରତର ନୂତନ ରାଜନୀତିକ ଅବସ୍ଥା । ସେ ଦିଗରେ ସମ୍ମିଳନୀର କେତେକ ସଦସ୍ୟ ଆକର୍ଷିତ ହେଲେ । ତୁଙ୍ଗନେତାଙ୍କ ଭିତରେ ବିଭେଦ (୧୯୧୯) । ତାହା ପ୍ରକାଶ ପାଇଲା ଚକ୍ରଧରପୁର ଅଧିବେଶନରେ (୧୯୨୦) । ମଧୁସୂଦନଙ୍କ ମୁଖ୍ୟ ସହଯୋଗୀ ଉତ୍କଳମଣି ଗୋପବନ୍ଧୁ ଦାସ, ପୁରୀର ଜଗବନ୍ଧୁ ସିଂହ, ତାଙ୍କ ପରି ଆଉ କେତେକ ନେତା । ଚକ୍ରଧରପୁର ଅଧିବେଶନ, ଏଇସବୁ ନେତାମାନେ ପ୍ରସ୍ତାବଟେ ଗୃହୀତ କରାଇନେଲେ । ଉତ୍କଳ ସମ୍ମିଳନୀ ଜାତୀୟ କଂଗ୍ରେସରେ ମିଶିଗଲା - ଏହା ଥିଲା ପ୍ରସ୍ତାବଟିର ମୁଖ୍ୟାଂଶ । ଉକ୍ତ ଅଧିବେଶନରେ ମଧୁବାବୁ ଅନୁପସ୍ଥିତ ରହିଲେ; ମାତ୍ର ପରବର୍ତ୍ତୀ ସମୟରେ ବିହାର-ଓଡ଼ିଶା ପ୍ରଦେଶର ସ୍ୱାୟତ୍ତ ଶାସନ ମନ୍ତ୍ରୀ ହେଲେ, ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇ ଓଡ଼ିଶାର ସେବା କଲେ ।

ଭାରତ ସରକାରଙ୍କ ସଂସ୍କାରନୀତି ପ୍ରଚଳନ ହେଲା । ୧୯୨୦-୧୯୨୧ରେ ଓଡ଼ିଆ ଜାତିର ଏକତ୍ରୀକରଣ ପାଇଁ ନାନାଦି ପଦକ୍ଷେପ, ଏଥିରେ ମଧୁବାବୁଙ୍କ ଅବଦାନ ସ୍ୱାଗତଯୋଗ୍ୟ । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପ୍ରଦାନ, ଭାରତ ସରକାର ୧୯୩୧ରେ ନିଷ୍ପତ୍ତି ଗ୍ରହଣ କଲେ । ଗଠିତ ହେଲା ହାବକ୍ କମିଟି (୧୯୩୩) । ଏହାର ନିର୍ଣ୍ଣାୟକ ସଦସ୍ୟ ମଧୁବାବୁ, କମିଟି ପରାମର୍ଶରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ରୂପରେଖ ନିର୍ଦ୍ଦିଷ୍ଟ ହେଲା । ୧୯୧୯ର ଭାରତ ଆଇନ୍, ତଦନୁଯାୟର ଦଶବର୍ଷ ପରେ (୧୯୨୯) ଗଠିତ ହେଲା ମଣ୍ଟେଗୁ-ଚେମ୍ସଫୋର୍ଡ଼ ସଂସ୍କାର ନୀତି । ଏହାର କାର୍ଯ୍ୟକାରିତା ଅନୁସନ୍ଧାନ ଜରୁରୀ । ଲଣ୍ଡନରୁ ଏକ ଷ୍ଟାଚ୍ୟୁଟାରୀ କମିଶନ ଭାରତ ଆସିଲେ (୧୯୨୮ ଫେବୃୟାରୀ ୩ ତାରିଖ) । ଅଧ୍ୟକ୍ଷ ସାଇମନ୍ । ସାରା ଭାରତ ବର୍ଷରେ କଂଗ୍ରେସର ପ୍ରତିବାଦ - "ସାଇମନ୍ ଫେରିଯାଅ" ଧ୍ୱନି । ଗଗନ ପବନ ମୁଖରିତ । ମଧୁବାବୁ, ତାଙ୍କ ଉଦାରପନ୍ଥୀ ସହଯୋଗୀଏ, କଥାଟିଏ ଅବଗତ ଥିଲେ । ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା କ୍ଷମତା କମିଶନ ହାତରେ । ଦୂରଦ୍ରଷ୍ଟା ମଧୁବାବୁ । ଏ ସୁଯୋଗକୁ ହାତଛଡ଼ା କରି ନ ଥିଲେ । ମଧୁବାବୁଙ୍କ ପ୍ରୋତ୍ସାହନ, ସମ୍ମିଳନୀର ନେତା ରାଜେନ୍ଦ୍ର ନାରାୟଣ ଭଞ୍ଜଦେଓ, ବ୍ରଜସୁନ୍ଦର ଦାସ, ଲକ୍ଷ୍ମୀଧର ମହାନ୍ତି, ବ୍ରଜାନନ୍ଦ ଦାସ, ଭିକାରୀ ଚରଣ ପଟ୍ଟନାୟକ ବିହାର-ଓଡ଼ିଶା ବିଧାନ ପରିଷଦର ଓଡ଼ିଆ ବିଧାୟକମାନେ । ଏ ସମସ୍ତ ନେତା ବିହାର ପାଟନା ଠାରେ କମିଶନଙ୍କୁ ସ୍ୱାଗତ କଲେ । ମୁଗ୍ଧ କମିଶନ ଏକ ସବ୍ କମିଟି ଗଠନ କଲେ । ଏହାର ଅଧ୍ୟକ୍ଷ କ୍ଲିମେଣ୍ଟ ଅଟଲୀ । କମିଟି ପୁଙ୍ଖାନୁପୁଙ୍ଖ ଭାବେ ଓଡ଼ିଆ ସମସ୍ୟା ଅନୁସନ୍ଧାନ କଲେ । ଓଡ଼ିଆଭାଷୀ ଅଞ୍ଚଳମାନ ଏକତ୍ରୀକରଣ ହେବ, ଏଥିପାଇଁ ଓଡ଼ିଆମାନେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ - ଏ ପ୍ରସଙ୍ଗ କମିଶନଙ୍କୁ ଜଣାଇଲେ ।

୧୯୩୦ ଜୁନ୍ ୭ ତାରିଖ, ସାଇମନ୍ କମିଶନ ରିପୋର୍ଟ ପ୍ରକାଶ ପାଇଲା । ଓଡ଼ିଶା ଡିଭିଜନ୍, ଅନୁଗୁଳ, ଓଡ଼ିଆ ଗଡ଼ଜାତ ରାଜ୍ୟ ସମୂହ, ଖଡ଼ିଆଳ, ଗଞ୍ଜାମର ଉତ୍ତରାଂଶ, ମାଳାଞ୍ଚଳ - ଏହାକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବା ଉଚିତ୍ - ଏ କଥାଟି ରିପୋର୍ଟରେ ସ୍ଥାନ ପାଇଥିଲା; ମାତ୍ର ସିଂହଭୂମି, ଫୁଲଝର, ପଦମପୁର, ଜୟପୁର ଜମିଦାରୀ ସେଥିରୁ ବାଦ୍ ପଡ଼ିଥିଲା । ଶେଷରେ ଓଡ଼ିଶା ପ୍ରଦେଶ ସୀମା ନିର୍ଦ୍ଧାରଣ ପାଇଁ ସୀମା କମିଶନ ଗଠନ ହେବ - ଏ ନିଷ୍ପତ୍ତି ନିଆଗଲା । ଏହାର ଅଧ୍ୟକ୍ଷ ସାମୁଏଲ ଓଡ୍ରୋନେଲ, ସଦସ୍ୟ ଏଚ୍.ଏମ୍. ମେହେଟ୍ଟା, ତରୁଣରାମ ଫୁକନ । ଓଡ଼ିଆମାନଙ୍କ ଆଶା ପୂର୍ଣ୍ଣ ହେବ; ମାତ୍ର ଏ ଆଶା ଅଧୁରା ରହିଲା । ଜନ ଅସନ୍ତୋଷ ସୃଷ୍ଟି ହେଲା । ଖ୍ରୀ. ୧୯୩୩, ଓଡ଼ିଶା ପ୍ରଦେଶ ଗଠନ ପୂର୍ଣ୍ଣାଙ୍ଗ ହେବ, ଏଥିପାଇଁ ଭାରତ ସରକାର ସାର୍ ଜନ୍ ଅଷ୍ଟିନ୍ ହାବକଙ୍କୁ ସ୍ପେଶିଆଲ ଅଫିସର ନିଯୁକ୍ତି ଦେଲେ, ତାଙ୍କରି ଅଧ୍ୟକ୍ଷତାରେ ଆଠଜଣିଆ କମିଟି ଗଠନ ହେଲା । ମଧୁସୂଦନ ଦାସ, ଲକ୍ଷ୍ମୀଧର ମହାନ୍ତି, ବି.ଏନ୍.ସି. ଧିର ନରେନ୍ଦ୍ର, ଏନ୍.ଆର୍. ନାଇଡୁ, ନିଉମାସ, ନୀଳମଣି ସେନାପତି, ଲୋକନାଥ ମିଶ୍ର, ଗୌରଚନ୍ଦ୍ର ଦେବ - ଏମାନେ କମିଟିର ସଦସ୍ୟ । ସଦସ୍ୟମାନେ ଓଡ଼ିଶାର ସ୍ୱାର୍ଥ ପାଇଁ ନାନାଦି ଦାବି ରଖିଲେ । ୧୯୩୩ ମସିହା ଡିସେମ୍ବର ୨୦, ହାବକ୍ କମିଟି ରିପୋର୍ଟ ସରକାରଙ୍କୁ ପ୍ରଦାନ କଲେ । କମିଟିର ସୁପାରିଶ କାର୍ଯ୍ୟକାରୀ ହେଲା, ତନ୍ମଧ୍ୟରେ କଟକ ଓଡ଼ିଶାର ରାଜଧାନୀ, ପୁରୀ ଗ୍ରୀଷ୍ମକାଳୀନ ରାଜଧାନୀ ହେବା ସ୍ଥିର ହେଲା । ଓଡ଼ିଶା ପାଇଁ ନୂତନ ଜିଲ୍ଲା, ସବ୍‌ଡିଭିଜନ୍, ଉଚ୍ଚ ନ୍ୟାୟାଳୟ ଗଠନ ନିଷ୍ପତ୍ତି ଗୃହୀତ ହେଲା । ୧୯୩୬ ମାର୍ଚ୍ଚ ୩ ତାରିଖ, ପାର୍ଲିଆମେଣ୍ଟରେ ନୂତନ ପ୍ରଦେଶ ଗଠନ ବିଲ୍ ପ୍ରକାଶ ପାଇଁ ରାଜକୀୟ ଘୋଷଣା ପ୍ରକାଶ ପାଇଲା । ୧୯୩୬ ଏପ୍ରିଲ ୧ ତାରିଖ, ନୂତନ ଓଡ଼ିଶା ପ୍ରଦେଶ କ୍ଷମତାକୁ ଆସିବା ଘୋଷିତ ହେଲା । ସାର୍ ଜନ୍ ଅଷ୍ଟିନ୍ ହାବକ୍ ଓଡ଼ିଶାର ରାଜ୍ୟପାଳ ନିଯୁକ୍ତି ପାଇଲେ । ସେତେବେଳକୁ ଉତ୍କଳ ସମ୍ମିଳନୀର କର୍ଣ୍ଣଧାର ମଧୁବାବୁ ଆରପାରିରେ । ତାଙ୍କର ମହାପ୍ରୟାଣ ହେଲା (୧୯୩୪); ମାତ୍ର କୋଟି ଓଡ଼ିଆର ସ୍ୱପ୍ନ ସାକାର ହେଲା । ଏ ପରିପ୍ରେକ୍ଷୀରେ ଉତ୍କଳ ଗୌରବଙ୍କ ତ୍ୟାଗ, ଅନୁପମ ନିଷ୍ଠା, ସମର୍ପିତ ପଣ ପ୍ରଣିଧାନଯୋଗ୍ୟ ।

ମହାନ କଳିଙ୍ଗ ସମ୍ରାଟ ଐର ଖାରବେଳ, ଉତ୍କଳର ଗଜପତି କପିଳେନ୍ଦ୍ର ଦେବ । ଏଇ ଦୁଇ ଶାସକ ରାଜ୍ୟର ସୀମା ପରିବର୍ଦ୍ଧନ କଲେ । ଯଶ ରଖିଲେ ଇତିହାସରେ । ଏମାନଙ୍କ ଠାରୁ ମଧୁବାବୁ କୌଣସି ଗୁଣରେ ନ୍ୟୁନ ନୁହନ୍ତି । ସେମାନେ ମୁକୁଟ ମଣ୍ଡିତ, ସିଂହାସନାରୂଢ଼; କିନ୍ତୁ ମଧୁବାବୁ ଓଡ଼ିଆ ଭାଷୀମାନଙ୍କର ମୁକୁଟବିହୀନ ସମ୍ରାଟ ।

ଦିନଥିଲା, ଓଡ଼ିଆ ଭାଷା, ସଂସ୍କୃତି, ଐତିହ୍ୟ - ପ୍ରତିଟି କ୍ଷେତ୍ରରେ ଭଙ୍ଗା । ଓଡ଼ିଆର ଅସ୍ମିତା କାଳିମାଗ୍ରସ୍ତ । ମଧୁବାବୁ ଖୀରସ୍ତାନ, ବଙ୍ଗଳାରେ କଥାବାର୍ତ୍ତାର କରୁଥିଲେ; ମାତ୍ର କାୟ-ମନୋ-ବାକ୍ୟରେ ସେ ଓଡ଼ିଆ । ଓଡ଼ିଶାର କୀର୍ତ୍ତି କିରଟିନୀ କୋଣାର୍କ । ଏହାର ଅନୁପମ ଶିଳ୍ପ ଭାସ୍କର୍ଯ୍ୟ । କୋଣାର୍କ ବିଶ୍ୱବିଦିତ । ଏହାର ରକ୍ଷଣାବେକ୍ଷଣ, ଏ କଥା ମଧୁବାବୁ ଭାଇସ୍‌ରୟ ଲର୍ଡ଼ କର୍ଜନଙ୍କୁ ଅବଗତ କରାଇଲେ, କୃତକାର୍ଯ୍ୟ ମଧ୍ୟ ହେଲେ । ମଧୁବାବୁ କୁଟୀରଶିଳ୍ପାନୁରାଗୀ । ଗାନ୍ଧିଜୀଙ୍କ ପୂର୍ବରୁ ଓଡ଼ିଶାରେ ଏହାକୁ ପ୍ରବର୍ତ୍ତନ କଲେ । ବିହାର ଓଡ଼ିଶା ବ୍ୟବସ୍ଥା ସଭା । ମଧୁବାବୁଙ୍କ ପରିଧାନ ଖଦଡ଼ ଧୋତି, କାମିଜ । ଏକଦା ଅରଟଟିଏ ନେଇ ଗୃହରେ ପ୍ରଦର୍ଶନ କଲେ । ଓଡ଼ିଶାର ଗୌରବ ବୃଦ୍ଧି ତାଙ୍କର ଲକ୍ଷ୍ୟ । ସ୍ଥାପନ କଲେ ଉତ୍କଳ ଟାନେରୀ ଆଉ କଟକ ସୁନା-ରୁପା ତାରକସି ଶିଳ୍ପ । ଉତ୍କୃଷ୍ଟ ଜିନିଷ ତିଆରି ତାଙ୍କର ଲକ୍ଷ୍ୟ; ନିମ୍ନମାନର ଜିନିଷକୁ ସେ ନଷ୍ଟକରି ଦେଉଥିଲେ । ଏଥିପାଇଁ ଢେର୍ କ୍ଷତି ସହିଲେ । ଶେଷରେ ସମସ୍ତ ସମ୍ପତ୍ତି; ଏପରିକି ବାସଗୃହ ନିଲାମ ହୋଇଗଲା ।

ଅତିଥି ବତ୍ସଳ ମଧୁବାବୁ । ବିଭିନ୍ନ ସମୟରେ ବହୁ ବଦାନ୍ୟ ବ୍ୟକ୍ତି; ମଧୁବାବୁ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିଛନ୍ତି । ଏପରିକି ମହାତ୍ମାଗାନ୍ଧୀ, ତାଙ୍କର ଓଡ଼ିଶା ଗସ୍ତ ସମୟରେ ମଧୁବାବୁଙ୍କ ବାସଭବନରେ ରାତ୍ରିଯାପନ କରିଥିଲେ । ଦୟାର୍ଦ୍ର ମଧୁବାବୁ, ଅର୍ଥ ରୋଜଗାର ଲାଳସା ଠାରୁ ଢେର୍ ଦୂରରେ; ମାତ୍ର ବିଭିନ୍ନ ସମୟରେ ଅଭାବୀ ମଣିଷ ଆସନ୍ତି, ତାଙ୍କ ଦ୍ୱାରରୁ ରିକ୍ତ ହସ୍ତରେ କେହି ଫେରି ନାହାନ୍ତି । ସେତେବେଳେ ସେ ରୋଗ ଶଯ୍ୟାରେ, କଟକ ବସ୍ତିରେ ନଳକୂଅଟେ ବସିବ, ମଧୁବାବୁ କଥା ଦେଇଥିଲେ । ଜଣେ ମହକିଲ ୫୦୦ ଟଙ୍କା ଆଣିଦେଲା । ନିଜ ପାଳିତକନ୍ୟା ଶୈଳବାଳା । କାଳକ୍ଷେପଣ ନ କରି ତାଙ୍କରି ହାତରେ ପଠାଇଦେଲେ ।

ସବୁର ଉର୍ଦ୍ଧ୍ୱରେ ଜାତିପ୍ରାଣ ମଧୁବାବୁ । ଓଡ଼ିଆ ଭାଷା, ସାହିତ୍ୟ ପ୍ରତି ତାଙ୍କର ନାହିଁ ନଥିବା ଶ୍ରଦ୍ଧା, ସମ୍ମାନ । ଏହାର ବିକାଶ ପାଇଁ ହେଲେ ଯତ୍ନଶୀଳ । ମ୍ୟାକ୍‌ମିଲନ କମ୍ପାନୀ ଦ୍ୱାରା ଓଡ଼ିଆ ପୁସ୍ତକ ପ୍ରକାଶ କରାଇବାର ସୁଯୋଗ ସୃଷ୍ଟିକଲେ । କଟକ ଟ୍ରେଡ଼ିଂ କମ୍ପାନୀ, ଏହାର ବିକ୍ରୟ ଦାୟିତ୍ୱ ନେଲା । ମଧୁବାବୁଙ୍କ ଜାତୀୟତାବାଦର ପଟାନ୍ତର ନାହିଁ । ଓଡ଼ିଆ ପ୍ରାଣରେ ଜାତିପ୍ରେମ ବହ୍ନି ପ୍ରଜ୍ୱଳିତ କରିଥିଲେ । ଉତ୍କଳ ସମ୍ମିଳନୀରେ ନିଜସ୍ୱ ରଚନାରୁ ଗାଇଥିଲେ, "ଉଠରେ ଉଠରେ ଉତ୍କଳ ସନ୍ତାନ / ଉଠିବୁ ତୁ ଆଉ କେତେ ଦିନେ, / ପୂରୁବ ଗୌରବ ପୂରୁବ ସାହସ / ପଡୁନାହିଁ କିରେ ମନେ ।" ଏମିତି ଶତାଧିକ ଉଦ୍‌ବୋଧନ ଗୀତି, ସେଦିନ ଓଡ଼ିଆମାନଙ୍କୁ ମତାଇଲା - ତତାଇଲା । ଧମନୀରେ ପ୍ରବାହିତ କରିଲା ଉଷ୍ମ ଜାତୀୟତାବାଦ । ବାସ୍ତବିକ ମଧୁସୂଦନ ଅନନ୍ୟ, ଅସାଧାରଣ ମଧ୍ୟ ।

ଓଡ଼ିଶାର ଗର୍ବ, ଗୌରବ ମଧୁସୂଦନ ଦାସ । ଓଡ଼ିଆଙ୍କ ପାଇଁ ଆପଣାର ଧନ-ମନ-ପ୍ରାଣ ଉତ୍ସର୍ଗ କରିଦେଲେ । ଓଡ଼ିଆ ପାଇଁ, ଓଡ଼ିଆ ଜାତି ପାଇଁ ତିଳତିଳ ଭାବେ ନିଜ ଜୀବନକୁ ସେ ଉତ୍ସର୍ଗ କରିଥିଲେ, ତା'ର ପଟାନ୍ତର ଓଡ଼ିଆ ଜାତିର ଇତିହାସରେ ନାହିଁ । ସେଇ ସ୍ୱନାମଧନ୍ୟ ଜାତିପ୍ରେମୀଙ୍କ ଉଦ୍ଦେଶ୍ୟରେ ଫକୀରମୋହନ ଲେଖିଲେ, "ଦେହ ଧନ ମନ ପ୍ରାଣ ତୁମ୍ଭର ସମସ୍ତ, ମାତୃପୂଜା କଲ୍ୟାଣରେ କରିଅଛ ନ୍ୟସ୍ତ / ପତିତପାବନ ଦେଶ ଉଦ୍ଧାର କାରଣ / ଅବତାର ରୂପେ ଜନ୍ମିଅଛ ନାରାୟଣ ।" ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଭାଷାରେ, "ଉତ୍କଳର ବରେଣ୍ୟ ସୂନୁ ହେ ମଧୁସୂଦନ / ଏକା ତୁମ୍ଭ ଲାଗି ଆଜି ଏ ଉତ୍କଳ ଧନ୍ୟ ।"

ଉତ୍କଳ ଗୌରବ ମଧୁସୂଦନ ଓଡ଼ିଶା ସ୍ୱାଭିମାନର ପ୍ରତୀକ । ବାସ୍ତବିକ ଜୀବନରେ ଯେପରି ମରଣରେ ମଧ୍ୟ ସେହିପରି; ସେ ଥିଲେ ମୁକୁଟ ବିହୀନ ସମ୍ରାଟ ।

# ମାତୃଶକ୍ତିର ଉପାସନା



ଗୀତାଞ୍ଜଳି କର
ଝାଞ୍ଜିରୀମଙ୍ଗଳା, ମିଶ୍ରବିଲ୍ଲ,
ଲୁଣିଆସାହି, କଟକ ୭୫୩୦୦୯
ମୋବ -୭୦୦୮୯୪୭୫୨୬

ମାତୃଶକ୍ତିର ମହିମା କାଳେ କାଳେ ଆମ ସଂସ୍କୃତିରେ ରହିଆସିଛି । ମାତୃଶକ୍ତି ବିନା ଜନ୍ମଦାତ୍ରୀ ଶକ୍ତିର କଳ୍ପନା କରିବା ଅସମ୍ଭବ । କାରଣ ମାତୃଶକ୍ତି ସମସ୍ତ ଭୂତ, ଜଡ଼ ଓ ଚେତନାରେ ପରିବ୍ୟାପ୍ତ । ତାଙ୍କ ବିନା ସୃଜନ ଅସମ୍ଭବ । ସେଥିପାଇଁ ମୁନିଋଷିମାନେ ନିଜର ଜ୍ଞାନଚକ୍ଷୁରେ ମାତୃଶକ୍ତିକୁ ପ୍ରକଟ କରିଛନ୍ତି । ତାଙ୍କ ଶକ୍ତିକୁ ପ୍ରାପ୍ତ କରି ଆମକୁ ପ୍ରେରଣା ଦେଇଛନ୍ତି ଶକ୍ତିର ଆଧାର କଣ । ତେଣୁ ପୌରାଣିକ ଯୁଗ ଶକ୍ତି ଉପାସନା ପାଇଁ ସ୍ୱନ୍ତତ କାଳର ଆଗମନ କହିଲେ ଚଳେ । ଶ୍ରୀମଦ ଦେବୀ ଭାଗବତ ମହାପୁରାଣ, ଶିବ ପୁରାଣରେ ରୁଦ୍ର ସଂହିତା, ବ୍ରହ୍ମ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଓ ସ୍କନ୍ଦ ପୁରାଣ ଆଦି ଦୁର୍ଲଭ ଗ୍ରନ୍ଥମାନଙ୍କରେ ମାଆ ଆଦି ଶକ୍ତିର ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ । ଏଥିପାଇଁ ଆଶ୍ୱିନ ଓ ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ନବରାତ୍ରରେ ନବଦିନାତ୍ମକ ପୂଜାରେ ଆମେ ମାତୃଶକ୍ତିକୁ ଆବାହନ କରୁ । ଯେଉଁଥି ପାଇଁ ନୂତନ ଶକ୍ତି ଓ ନୂତନ ତେଜରେ ନୂତନ ସୃଜନର ସମ୍ଭାବନା ମିଳେ ।

ସନାତନ ଶାସ୍ତ୍ରରେ ଈଶ୍ୱରଙ୍କ ଅବତାର ବିଶେଷ ପ୍ରୟୋଜନ ପାଇଁ ହୋଇଥାଏ । ଏହାର ଉଦେଶ୍ୟ କେବଳ 'ପରିତ୍ରାଣାୟ ସାଧୁନା 'ବିନାଶକ୍ଷୟ ଚ ଦୁଷ୍କୃତାମ ପାଇଁ ନୁହେଁ ବରଂ 'ତଦାତ୍ମାନଂ ସୃଜାମ୍ୟହଂ 'ପାଇଁ । ଏଥିରେ ବିନାଶ, ପରିତ୍ରାଣ ସଂଗେ ସଂଗେ ସୃଷ୍ଟିକାର୍ଯ୍ୟ ମଧ୍ୟ ହୋଇଥାଏ । ବିନାଶ ତ ହୋଇଥାଏ ଅଜ୍ଞାନତାର ଆଉ ଅଭାବର । ପରିତ୍ରାଣ ହୋଇଥାଏ ସାଧୁ ସଜ୍ଜନ ମାନଙ୍କର । କିନ୍ତୁ ସୃଷ୍ଟି ହୋଇଥାଏ ନୂତନ ଜ୍ଞାନ ଓ ଆଲୋକର । ଆଉ ଏହି ଅବତାରର ଉଦେଶ୍ୟ ସମ୍ପୂର୍ଣ୍ଣ ହୋଇ ନଥାଏ ଯେପର୍ଯ୍ୟନ୍ତ ମାତୃଶକ୍ତିର ଉନ୍ମେଷ ହୋଇ ନାହିଁ । ତେଣୁ ଭଗବାନ ନିଃସୃତ ଗୀତାରେ କୁହାଯାଇଥିବା 'ତଦାତ୍ମାନମ ସୃଜାମ୍ୟହମ ' ର ଅର୍ଥ କେବଳ ନୂତନ ସୃଷ୍ଟିର ସମ୍ଭାର । ଏମିତି ବିନାଶ ଓ ପରିତ୍ରାଣ ଯେ କେହି କରିବା ସମ୍ଭବପର ।

ମାତୃଶକ୍ତିକୁ ଆମର ଭାରତୀୟ ସଂସ୍କୃତିରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି । ବ୍ରହ୍ମାଣ୍ଡର ସବୁ ତତ୍ତ୍ୱରେ ସୃଷ୍ଟି ମାତୃଶକ୍ତି ଦ୍ୱାରା ସମ୍ଭବ । ତେଣୁ ହିନ୍ଦୁ ଧର୍ମରେ ମାତୃଶକ୍ତିକୁ ସଚ୍ଚିଦାନନ୍ଦମୟ ବ୍ରହ୍ମସ୍ୱରୂପ କୁହାଯାଏ । ମାତୃଶକ୍ତି ହିଁ ଆଦ୍ୟାଶକ୍ତି । କାରଣ ମାତୃଶକ୍ତି ଆଧ୍ୟାତ୍ମିକତାର ମୂଳ ତତ୍ତ୍ୱ ଅଟନ୍ତି । ଜ୍ଞାନ, ସେବା, ସୁଖ, ସମୃଦ୍ଧି, ତ୍ୟାଗ, ପରାକ୍ରମ, ଧ୍ୟାନ, ସୃଜନ, ପରମାନନ୍ଦଙ୍କୁ ପ୍ରାପ୍ତି ହେଉଛି ଶକ୍ତିର ମୂଳାଧାର । ଏହା ବିନା କୌଣସି ଈଶ୍ୱରୀୟ ତତ୍ତ୍ୱର ପ୍ରତିପାଦନ ସମ୍ଭବ ନୁହେଁ ।

ମାତୃଶକ୍ତିର ସବିଶେଷ ବିବରଣୀ ମାର୍କଣ୍ଡେୟ ପୁରାଣରେ ଦେବୀ ମାହାତ୍ମ୍ୟରୁ ମିଳେ । 'ଦୁର୍ଗା ସପ୍ତସତୀ 'ରେ ମାଆଙ୍କର ତିନି ସ୍ୱରୂପକୁ ପ୍ରାଧାନ୍ୟ ଦିଆଯାଇଛି । ତ୍ରିଗୁଣାତ୍ମକ ଶକ୍ତି ରୂପରେ ମାଆ ସତ୍ତ୍ୱଗୁଣ ଶକ୍ତି ସରସ୍ୱତୀ, ରଜଗୁଣ ଶକ୍ତି ମହାଲକ୍ଷ୍ମୀ, ତଥା ତମଗୁଣ ଶକ୍ତି ମହାକାଳୀ ଅଟନ୍ତି । ତେଣୁ ସନାତନ ହିନ୍ଦୁ ଧର୍ମରେ ପରମେଶ୍ୱରଙ୍କୁ ତିନି ମହାଶକ୍ତି ଯଥା ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ରୂପରେ ମାତୃଶକ୍ତି ଆରାଧନାର ପରମ୍ପରା ଆଦିକାଳରୁ ଅଛି । ସମାଜର କଲ୍ୟାଣ ନିମିତ୍ତ କେବଳ ଶାସ୍ତ୍ର ବଳ ପ୍ରଗତି ଦିଏ ନାହିଁ । ଶସ୍ତ୍ର ଏବଂ ଧନର ବଳ ମଧ୍ୟ ଆବଶ୍ୟକତା ଅଛି ।

ଜ୍ଞାନ ଓ ବୁଦ୍ଧି ପାଇଁ ଆମେ ମାଆ ସରସ୍ୱତୀଙ୍କୁ ଅର୍ଚ୍ଚନା କରିଥାଉ । ବୁଦ୍ଧି, ଜ୍ଞାନ ହିଁ ପରମଙ୍କୁ ପ୍ରାପ୍ତି କରାଇ ଚଲାପଥ ସୁଗମିତ କରେ । ତେଣୁ ମହାସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରି ଭକ୍ତ ଜପ କରେ...... ' ଓଁ ଐଂ ସରସ୍ୱତୀ ଦେବୈ ନମଃ '

ସେହିପରି ଶକ୍ତି, ସାହସ, ପରାକ୍ରମ ନିମିତ୍ତ ମାଆ ମହାକାଳୀଙ୍କୁ ଉପାସନା କରାଯାଏ । ଦେବ କାର୍ଯ୍ୟକୁ ଆଗେଇବା ପାଇଁ ଦୃଢ଼ ଇଚ୍ଛାଶକ୍ତି ଆବଶ୍ୟକ । ସାହସ ବଳରେ ଇଚ୍ଛାଶକ୍ତି ପ୍ରବଳ ହୁଏ । ତେଣୁ ସାଧନାର ମାର୍ଗ ଫଳବତୀ ହୁଏ । ପରମତତ୍ତ୍ୱକୁ ବୁଝିବାକୁ ବିଳମ୍ବ ହୁଏ ନାହିଁ । ତେଣୁ ଭକ୍ତର ଶକ୍ତି, ସାହସ ଓ ପରାକ୍ରମ ସଂଚୟ ପାଇଁ ଜପ କରାଯାଏ 'ଓଁ କ୍ରୀଂ କାଳିକାୟେଇ ନମଃ' । ପୁନଶ୍ଚ ସୁଖ ସମ୍ପତ୍ତି, ଐଶ୍ୱର୍ଯ୍ୟର ପ୍ରଗତି ନିମିତ୍ତ ମହାଲକ୍ଷ୍ମୀଙ୍କୁ ଆରାଧନା କରାଯାଏ । କାରଣ ସକଳ ପ୍ରଗତିର ପ୍ରତୀକ ମାଆ ମହାଲକ୍ଷ୍ମୀ । ଆଗକୁ ଚାଲିବାକୁ ହେଲେ ଅର୍ଥର ଆବଶ୍ୟକତା ନିଶ୍ଚିତ । ତେଣୁ ଭକ୍ତ ସାଧାରଣ ଆବଶ୍ୟକତା ପାଇଁ ଜପ କରେ :--'ଧନଦାୟଇ ନମସ୍ତୁଭ୍ୟଂ ନିଧି ପଦ୍ମା ହୁତାୟତ, ଭବତ୍ତୁତତ ପ୍ରସାଦେନ ଧାନ ଧନ୍ୟାଦି ସମ୍ପଦ ' । ଉପାସନାରେ ମାଆ ତ୍ରିଦେବୀ ରୂପରେ ଜନ କଲ୍ୟାଣ କରିଥାନ୍ତି ।

ମାତୃଶକ୍ତି ପ୍ରାପ୍ତ କରିବାକୁ ହେଲେ ନବରାତ୍ରର ପୂଜାବିଧି କରଣୀୟ । ଦେବୀଙ୍କ ନଅ ସ୍ୱରୂପ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କଷ୍ମକ୍ଷଣ୍ଡା, ସ୍କନ୍ଦ ମାତା, କାତ୍ୟାୟିନୀ, କାଳରାତ୍ରି, ମହାଗୌରୀ, ସିଦ୍ଧିଦାତ୍ରୀ ଅଟେ । ଏହି ନବରାତ୍ର ଉତ୍ସବ ଶରତ ଋତୁ ଓ ବସନ୍ତ ଋତୁର ପ୍ରାରମ୍ଭରେ ଜଳବାୟୁ ଓ ସୂର୍ଯ୍ୟଙ୍କ ପ୍ରଭାବର ସଙ୍ଗମ ସଂଯୋଗ ପ୍ରତ୍ୟୟମାନ ହୁଏ । କାରଣ ଏହି ଦୁଇ ଋତୁରେ ପରିବେଶ ଭୟଙ୍କର ରୋଗ ବ୍ୟାଧିଦ୍ୱାରା ଆକ୍ରାନ୍ତ ହୁଏ । ପରିଷ୍କୃତ ପୂର୍ବକ ମାଆଙ୍କ ପୂଜାର୍ଚ୍ଚନା ଦ୍ୱାରା ନକାରାତ୍ମକ ଶକ୍ତି ଚାଲିଯାଏ । ତେଣୁ ପ୍ରତ୍ୟେକ ଦିନ ନବରାତ୍ରରେ ମାଆଙ୍କୁ ଭିନ୍ନ ଭିନ୍ନ ସ୍ୱରୂପରେ ପୂଜା ସମର୍ପଣ କରାଯାଇଥାଏ । ଏଥିରେ ସାଧକ ନିଜର ଅହଂକାର, ବାସନା, କ୍ରୋଧ ପରି ପଶୁ ପ୍ରବୃତ୍ତିକୁ ନିୟନ୍ତ୍ରଣରେ ରଖେ । ଶୂନ୍ୟ ଅନୁଭବର ଆଭାସରେ ସାଧକ ସିଦ୍ଧି ପାଇଁ ପଥ ପରିଷ୍କାର କରି ଥାଏ । ପ୍ରୟୋଜନ ଅନୁଯାଇ ମାତା ଏକ ଶକ୍ତିରୁ ଭିନ୍ନ ଭିନ୍ନ ସ୍ୱରୂପ ଧାରଣ କରିଥାନ୍ତି ।

ଜଗତଜନନୀ ମାଆଙ୍କ ପୂଜାର୍ଚ୍ଚନାର ଉଦ୍ଦେଶ୍ୟ ଭକ୍ତର ମନକୁ ସ୍ୱଚ୍ଛ ରଖିବା । କାରଣ ଛୋଟ ଶିଶୁକୁ ମାତା ଯେପରି ସ୍ନେହ ମମତାର ବନ୍ଧନରେ ବାନ୍ଧିରଖେ ସେପରି ମାତୃଶକ୍ତିକୁ ଜାଗ୍ରତ କରି ଭକ୍ତ ଅକୁଣ୍ଠ ଭରସା ପାଏ । ମାଆ ଶିଶୁର ମଳିନତାକୁ ଦୃଷ୍ଟିରେ ନ ରଖି ଯେପରି କୋଳେଇ ନିଏ ସେପରି ଜଗଜ୍ଜନନୀ ମାତା ଆଦିଶକ୍ତି ଭକ୍ତଟିଏ ଦୁଃସହ କାମନା, ବାସନା ଅଥବା ଅହଂକାରକୁ ରଖିଥାଉ ଅଥବା ନିଷ୍କାମ ଚିତ୍ତକୁ ପ୍ରବଳ କରିଥାଉ ସମସ୍ତଙ୍କୁ ଆପଣାର କରିନିଅନ୍ତି । ଦଶାନନ ରାବଣ ମାତା ଲଙ୍କେଶ୍ୱରୀଙ୍କୁ ପୁଜିଥିଲା । ମାତା ଆଶୀର୍ବାଦ ଦେଇଥିଲେ 'କଲ୍ୟାଣଂ ଅସ୍ତୁ' । କିନ୍ତୁ ଶ୍ରୀରାମ ସଂସାର ରକ୍ଷା ନିମନ୍ତେ ଜଗଦମ୍ବାଙ୍କୁ ବି ପୁଜିଥିଲେ । ମାତା ଆଶୀର୍ବାଦ କଲେ ବିଜୟଶ୍ରୀ ପ୍ରାପ୍ତ କର । କାରଣ କାମନା ଓ ଅହଂକାରରେ ରାବଣର କଲ୍ୟାଣ ଥିଲା । କିନ୍ତୁ ସଂସାରର ଉଦ୍ଧାର ଥିଲା ରାମଙ୍କର ନିଷ୍କାମ ଚିତ୍ତ । ଏଥିରେ ଆତ୍ମସ୍ୱାର୍ଥ ନିହିତ ନଥିଲା । ଯେହେତୁ ସୀତାଙ୍କୁ ଉଦ୍ଧାର କରିବା ସଂଗେ ସଂଗେ ଜନକଲ୍ୟାଣର ଉଦ୍ଦେଶ୍ୟ ଥିଲା । ଅସହ୍ୟ ପୃଥ୍ୱୀଭାରକୁ ତାରଣ କରିବା ଥିଲା ମୂଳଲକ୍ଷ୍ୟ । ଦେବୀ ପର୍ବ ନିଶ୍ଚିତ ଭାବରେ ମନୁଷ୍ୟକୁ ପ୍ରାଣ ଓ ତ୍ରାଣ ପ୍ରାପ୍ତି କରାଏ । ସୃଷ୍ଟିକୁ ସିଦ୍ଧି ଦେବାକୁ ହେଲେ ଦେବୀ ପର୍ବର ସ୍ରୋତକୁ ଆଗେଇ ନେବାକୁ ହୁଏ । ଆଜି ସମଗ୍ର ସଂସାରରେ ପାପର ଭାର ବଢିଯାଇଛି । ପରିତ୍ରାଣ ପରି ଶବ୍ଦ ଉପରେ ବିନାଶର ସାଧନା ବେଶି ବଢ଼ି ଚାଲିଛି । ସୃଜନାତ୍ମକର ସାଧନା ବିନାଶ ଆଡକୁ ଗତି କରୁଛି । ବିକାଶର ଆଶାରେ ପୃଥିବୀ, ଆକାଶ, ଜଳ, ବାୟୁ, ଅନ୍ତରୀକ୍ଷ ପ୍ରଦୂଷିତ ହେବାରେ ଲାଗିଛି । ଏସବୁରୁ ବଞ୍ଚିବାକୁ ହେଲେ ଆମକୁ ଆମର ସାଧନା ତୀବ୍ର କରିବାର ଆବଶ୍ୟକତା କରେ । ସମସ୍ତ ସୃଷ୍ଟିକୁ ମଙ୍ଗଳମୟ କରିବାକୁ ହେଲେ ଆମକୁ ମାତୃଶକ୍ତିର ଆବାହନ କରିବା ଆବଶ୍ୟକ । ଯାହାର ଅର୍ଥ ନିଜ ମଧ୍ୟରେ ନୂତନ ତେଜ ପ୍ରକଟ କରି ଅଜ୍ଞାନତାକୁ ନାଶ କରି ଜ୍ଞାନାଲୋକରେ ଅନ୍ତରାତ୍ମାକୁ ଆଲୋକିତ କରିଦେବା । ସର୍ବଦା ମାତୃଶକ୍ତିର ଶରଣରେ ରହି ଆନ୍ତରିକ ଓ ବାହ୍ୟରୂପରେ ନୂଆ ନିର୍ମାଣର ସାଧନାରେ ଜୀବନ ଆଗେଇ ନେବାରେ ହିଁ ଶ୍ରେୟସ୍କର । କାରଣ...

**'ଶରଣାଗତ ଦୀନାର୍ତ୍ତ ପରିତ୍ରାଣ ପରାୟଣେ**
**ସର୍ବ ସ୍ୟାର୍ତ୍ତି ହରେ ଦେବୀ ନାରାୟଣୀ ନମସ୍ତୁତେ' ।**

ପୂର୍ଣ୍ଣ ସମର୍ପିତ କାର୍ଯ୍ୟଟି ସିଦ୍ଧି ଦେବାରେ ବିଳମ୍ବ କରେନି । ମାତୃଶକ୍ତି ଠାରୁ ବିଜୟଶ୍ରୀ ପ୍ରାପ୍ତ କରିବାକୁ ହେଲେ ଆମକୁ କାୟ ମନୋବାକ୍ୟରେ ପବିତ୍ର ଭାବନା ରଖିବାକୁ ପଡେ । ତେବେ ଯାଇ ସାଧନାର ସିଦ୍ଧି ଚିରନ୍ତନ ସତ୍ୟ ପରି ଜାଜ୍ୱଲ୍ୟମାନ ଜଣାପଡେ । ଲୋଭ, ମୋହ, ମାୟା ରହିତ ହୋଇ ସୃଷ୍ଟିର ବିନାଶରେ ନୁହେଁ ବରଂ ବିକାଶରେ ହିଁ ମନୋନିବେଶ କରିବା ଉଚିତ । ଜନକଲ୍ୟାଣ ହେତୁ ମାତୃଶକ୍ତିର ସାଧନା କରିପାରିଲେ ପରିବେଶରେ ଋତୁ ଜନିତ ରୋଗ ବ୍ୟାଧିର ନିରାକରଣ ହେବା ସହିତ ବ୍ୟକ୍ତିର ମାନସିକ ସ୍ତର ନିଶ୍ଚିତ ଭାବେ ମଙ୍ଗଳପ୍ରଦ ହେବ । ତେଣୁ ହେ ମାତୃଶକ୍ତି ତୁମ କୃପା ସର୍ବଦା ଏଇ ଧରାଧାମକୁ ପାବନୀତ କରୁଥାଉ । ସମସ୍ତ ଜନମାନସରେ ତୁମ ଅଭୟର ମୁଦ୍ରା ମିଳୁଥାଉ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୃଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସର୍ବ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସର୍ବଦା ତେଜିବୁ (୧୭୨)

ଭକତର ସ୍ୱଭାବଟି



ଶ୍ରୀ ଅଭିରାମ ସରସ୍ୱତୀ

କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକର୍ମ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କର୍ମକୁ ନିନ୍ଦିବ ( ୧୭୬)

(କ୍ରମଶଃ)

# ଢେଙ୍କାନାଳ ବରା



ପ୍ରେମାନନ୍ଦ ପାଣିଗ୍ରାହୀ
ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

ଓଡିଆ ଘରକରଣା ଓ ଖାଦ୍ୟରୁଚିରେ ପିଠାପଣାର ସ୍ଥାନ ସ୍ୱତନ୍ତ୍ର । ଏମିତି ଦେଖିବାକୁ ଗଲେ ଓଡ଼ିଶାରେ ସବୁ ପ୍ରକାର ପିଠାର ଆଦର ରହିଛି । ବିଭିନ୍ନ ପ୍ରକାରର ପିଠା ଯେ କେବଳ ପାକଶାଳାରେ ସୀମିତ ତା ନୁହେଁ କେତେକ ପିଠା ଓ ମିଠା ବିଭିନ୍ନ ଦେବାଦେବୀଙ୍କର ପ୍ରିୟ ଭୋଗ । ସ୍ୱାଦ ଓ ଗୁଣବତ୍ତାକୁ ନେଇ ପିଠା ଓ ମିଠା ଲୋକପ୍ରିୟ ହୁଏ । ଅନେକ ସମୟରେ ସ୍ୱାଦ ପାଇଁ ଖ୍ୟାତିଯୁକ୍ତ ହୁଏ ଏବଂ ସୀମା ସରହଦ ଡେଇଁ ଦେଶବିଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରେ । ନୈସର୍ଗିକ ସୁଷମାଭରା ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟକମାନଙ୍କୁ ସବୁବେଳେ ଆକର୍ଷଣ କରିଆସିଛି । ଏକ ଶାନ୍ତ ଓ ସବୁଜିମା ସହର ଭାବରେ ଢେଙ୍କାନାଳ ଜଣାଶୁଣା । ତେବେ ସ୍ୱାଦିଷ୍ଟ ବ୍ୟଞ୍ଜନ କଥା ମନେ ପଡିଲେ ଢେଙ୍କାନାଳ ବରା ସବୁବେଳେ ଆଗକୁ ଆସେ । ଢେଙ୍କାନାଳକୁ ପର୍ଯ୍ୟଟନ ଓ ବୁଲାବୁଲି କରିବାକୁ ଆସୁଥିବା ଲୋକେ ଢେଙ୍କାନାଳର ବରାର ସ୍ୱାଦ ଉପଭୋଗ କରିବାକୁ ଭୁଲନ୍ତି ନାହିଁ ।

ପ୍ରସ୍ତୁତି ପ୍ରଣାଳୀ ହିଁ ବରାକୁ ସ୍ୱାଦିଷ୍ଟ କରିଥାଏ । ଢେଙ୍କାନାଳ ଜିଲ୍ଲା ମଧ୍ୟ ଦେଇ ବ୍ରାହ୍ମଣୀ ନଦୀ ପ୍ରବାହିତ ହେଉଥିବା ବେଳେ ଅନେକ ଛୋଟବଡ ନାଳ, ପାଟ, ଯୋଡ ଜାଲ ପରି ଛନ୍ଦି ହୋଇଥାନ୍ତି । ଏସବୁ ନଦୀ ଓ ଜଳାଶୟର ପଟୁ ଓ ଉର୍ବର ମାଟିରେ ଶୀତ ଋତୁରେ ମୁଖ୍ୟ ରବି ଫସଲ ଭାବରେ ବିରି ଉତ୍ପାଦନ ହୁଏ । ବିରି ଅମଳ ପରେ ତାକୁ ଝଡାଝଡି କରି ଖରାରେ ଶୁଖାଇ ପୋକ ଦାଉରୁ ରକ୍ଷା କରିବା ପାଇଁ ସେଥିରେ ଶୁଖିଲା ନିମ୍ବ, ବେଗୁନିଆ, କମଳା ପତ୍ର ଦେଇ ବସ୍ତା ବାନ୍ଧି ରଖାଯାଏ । ବର୍ଷ ସାରା ବିଭିନ୍ନ ରକମର ପିଠା ଓ ବରା ଏହି ବିରିରୁ ହିଁ ପ୍ରସ୍ତୁତ ହୁଏ । ବରା କରିବା ପୂର୍ବରୁ ବିରିରୁ ଗୋଡି ବାହାର କରିଦିଆଯାଏ । ଚୋପା ଛଡାଇ ବିରିକୁ ରାତିରେ ପାଣିରେ ବତୁରା ଯାଏ । ସକାଳେ ବତୁରା ବିରିକୁ ଛାଣି ଦିଆଯାଏ । ଶିଳରେ ବିରିକୁ ବାଟିବା ପରେ ସେଥିରେ କ□ଲଙ୍କା ଖଣ୍ଡ,ଆମ୍ବକଷିଆ ଅଦା ଖଣ୍ଡ,କଟା ପିଆଜ, ଅଦା, ଜିରା, ଧନିଆ ପତ୍ର, ଲୁଣ ମିଶାଇ ପିଠୋଉକୁ ଫେଣା ଯାଏ । ବିରି ଯେତେ ଫେଣା ହେବ ବରା ସେତେ ନରମ ଲାଗେ । ବରା ପାଇଁ ବିରିରେ କିଛି ଅରୁଆ ଚାଉଳ ବା ସୁଜି ମିଶାଯାଏ । ଯେଉଁମାନେ ବିରିରେ ଅରୁଆଚାଉଳ ମିଶାନ୍ତି ସେମାନେ ବିରି ସହ ଚାଉଳକୁ ପାଣିରେ ବତୁରାଇଥାନ୍ତି ଆଉ ଯେଉଁମାନେ ବିରିରେ ସୁଜି ମିଶାନ୍ତି ସେମାନେ ବଟା ବିରିରେ ସୁଜି ଗୋଳାଇଥାନ୍ତି । କଡେଇରେ ସୋରିଷ ତେଲ ଗରମ ହେବା ପରେ କଞ୍ଚା ଶାଳପତ୍ରରେ ତେଲବୋଳି ସେଥିରେ କିଛି ପିଠୋଉ ଦେଇ ଗୋଟିଏ ପରେ ଗୋଟିଏ ବରା ତେଲରେ ପକାଯାଏ । ବରା ହଳଦିଆ ପଡି ଆସିବା ମାତ୍ରେ ଏହାର ବାସନା ଚାରି ଆଡକୁ ମହକାଇ ଦିଏ । ଜାଲି ଚଟୁ ସାହାଯ୍ୟରେ ବରାକୁ ତେଲରୁ ଛଣାଯାଏ । ଉଷୁମ ଥିବା ଅବସ୍ଥାରେ ବରାକୁ ଖାଇଲେ ଅଧିକ ସ୍ୱାଦିଷ୍ଟ ଲାଗେ । ବରା ସହ କଳା ଲୁଣ, ଛଣା ଲଙ୍କା ଓ ପିଆଜ ଖାଇଲେ ଏହାର ସ୍ୱାଦ ଆହୁରି ବଢିଥାଏ । ବରା ଯେପରି ସୁଆଦିଆ ସେପରି ଲୋଭନୀୟ ମଧ୍ୟ ।

ଢେଙ୍କାନାଳ ବରାର ପ୍ରସିଦ୍ଧି କାହିଁ କେଉଁ କାଳରୁ । ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ଢେଙ୍କାନାଳ ବରା । ସମ୍ପୂର୍ଣ୍ଣ ଦେଶୀୟ ଶୈଳୀରେ ପ୍ରସ୍ତୁତ ହୋଇଥାଏ ଏହି ବିରି ବରା । ରାଜରାଜୁଡା ଶାସନ କାଳରେ ରାଜ କର୍ମଚାରୀମାନେ ଗାଁକୁ ଆସିଲେ ଲୋକେ ସେମାନଙ୍କୁ ବରା ଦେଇ ଆପ୍ୟାୟିତ କରୁଥିଲେ । ପର୍ବପର୍ବାଣୀ ସମୟରେ ଅନ୍ୟ ପିଠା ହେଉକି ନହେଉ ପିଠା ତାଲିକାରେ ବରା ସବା ଉପରେ ଥାଏ । ବରଷା ପାଗ ହେଲେ ତ ବରା ଖାଇବାର ରୁଚି ଆହୁରି ବଢିଯାଏ । ଝିପିଝିପି ମେଘରେ ଚୁଲିରେ ବରା ଛଣା ଚାଲୁଥାଏ ଏପଟେ ବରା ଖିଆ ବି ଚାଲିଥାଏ । ଘରକୁ କୁଣିଆମଇତ୍ର ଆସିଲେ ସ୍ତ୍ରୀଲୋକମାନେ ବିରିଚାଉଳ ବତୁରାଇ ବରା ପ୍ରସ୍ତୁତ କରି କୁଣିଆଙ୍କୁ ପରଷିଥାନ୍ତି । ତେଣୁ ବରା ଢେଙ୍କାନାଳବାସୀଙ୍କର ପ୍ରିୟ ଖାଦ୍ୟ । ଥିଲାବାଲା, ନଥିଲାବାଲା, ଚାଷୀ, ମୂଲିଆ ଗରୀବଗୁରୁବାଙ୍କ ଠାରୁ ଆରମ୍ଭ କରି ସହରବାସୀ ପ୍ରତ୍ୟେକଙ୍କର ବରା ପ୍ରତିଥାଏ ଦୁର୍ବଳତା । ଗୋଟେ ବୋଲି ଅଛି- ଆରିସା ଫୁଲଇ, କାକରା ଫୁଲଇ, ଫୁଲୁଥାଏ ବିରି ବରା / ତୁଚ୍ଛାକୁ ରଙ୍ଗୁଆ ଫୁଲି ମରୁଥାଏ, ନୁଙ୍ଗୁରା ଚିତୋଉ ପରା । ଢେଙ୍କାନାଳ ସହରର ପ୍ରତ୍ୟେକ ବରା ପ୍ରସ୍ତୁତରେ ଧୁରନ୍ଧର । କିଛି ଦୋକାନୀ ବରାକୁ ବ୍ୟବସାୟ ଭିତ୍ତିରେ ପ୍ରସ୍ତୁତ କରି ସେ ୫୦/୬୦ ବର୍ଷ ପୂର୍ବେ ବିକ୍ରି ଆରମ୍ଭ କରିଥିଲେ । ତତପରେ ଅନ୍ୟମାନେ ବରାକୁ ସ୍ୱାଦିଷ୍ଟ ଓ ଲୋକପ୍ରିୟ କରିଥିଲେ। ଏବେ ଢେଙ୍କାନାଳ ଗଣେଶ ବଜାରରେ ପ୍ରସିଦ୍ଧ ବରା ଓ ବିଖ୍ୟାତ ବରା ଦୋକାନରେ ସକାଳ ଓ ସଞ୍ଜରେ ଗରମ ବରା ଖାଇବାକୁ ଭିଡ଼ ଦେଖିବାକୁ ମିଳେ । ଢେଙ୍କାନାଳ ସହରକୁ ଆସୁଥିବା ଲୋକେ ଏହି ଦୋକାନମାନଙ୍କରୁ ପରିବାର ପାଇଁ ବରା ନେବାକୁ ଭୁଲନ୍ତିନାହିଁ । ଢେଙ୍କାନାଳ ବରାକୁ ଅଧିକ ଲୋକପ୍ରିୟ କରିବା ପାଇଁ ଗତ ୨୦୨୩ ମସିହା ଠାରୁ ଅପ୍ରେଲ ୭ ତାରିଖକୁ ସଚେତନ ନାଗରିକ ଫୋରମ ପକ୍ଷରୁ ବିଶ୍ୱ ବରା ଦିବସ ଭାବରେ ପାଳନ କରାଯାଉଛି । ବରାକୁ ଜି.ଆଇ ମାନ୍ୟତା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ବାଉଣ୍ଡାରୀ ମାରିବାରେ ପ୍ରଥମ ଭାରତୀୟ ଟି-୨୦ କ୍ରିକେଟର ହେଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**



ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଚଳିତ ସିଜନର ୨୦ତମ ମ୍ୟାଚ୍‌ରେ ଟି୨୦ କ୍ରିକେଟ୍‌ରେ ପୂର୍ବତନ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଅଧିନାୟକ ରୋହିତ ଶର୍ମାଙ୍କ ବ୍ୟାଟ୍‌ରୁ ଏକ ବଡ଼ ରେକର୍ଡ କରିଛନ୍ତି। ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳ ଟସ୍ ଜିତିବା ପରେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏହା ପରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଇଶାନ କିଶନଙ୍କ ସହ ଇନିଂସ ଖେଳିବାକୁ ଆସିଥିବା ରୋହିତ ଶର୍ମା ରବିବାର ତାଙ୍କ ପୁରୁଣା ଶୈଳୀରେ ବ୍ୟାଟିଂ କରୁଥିବା ଦେଖିବାକୁ ମିଳିଥିଲା। ତେବେ ସେ ୨୭ଟି ବଲରେ ୪୯ ରନର ଇନିଂସ ଖେଳିବା ପରେ ଆଉଟ୍ ହୋଇଥିଲେ। ଯେଉଁଥିରେ ୬ ଟି ଚୌକା ଓ ୩ ଛକା ମାରିଥିଲେ। ଏହା ସହ ରୋହିତ ଟି -୨୦ କ୍ରିକେଟରେ ଏକ ସଫଳତା ହାସଲ କରିଥିଲେ, ଯାହା ପୂର୍ବରୁ କୌଣସି ଭାରତୀୟ ଖେଳାଳି କରିପାରିନଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ରୋହିତ ଶର୍ମା ଟି-୨୦ କ୍ରିକେଟ୍‌ରେ ୧୫୦୮ ବାଉଣ୍ଡାରୀ ମାରିଛନ୍ତି, ଏହା ପରେ ରୋହିତ ଏହି ଫର୍ମାଟରେ ପ୍ରଥମ ଭାରତୀୟ ଖେଳାଳି ହୋଇପାରିଛନ୍ତି, ଯେଉଁଥିରେ ୧୫୦୦ ରୁ ଅଧିକ ବାଉଣ୍ଡାରୀ ମାରିବାର ରେକର୍ଡ କରିଛନ୍ତି। ରୋହିତଙ୍କ ପରେ ବିରାଟ କୋହଲି ଟି-୨୦ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ସୀମା ସ୍କୋର କରିବାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି, ଯାହାର ନାମରେ ମୋଟ୍ ୧୪୮୬ ବାଉଣ୍ଡାରୀ ରହିଛି। ତେବେ ବିଶ୍ୱ କ୍ରିକେଟ୍‌ରେ ଟି-୨୦ ଫର୍ମାଟରେ ସର୍ବାଧିକ ବାଉଣ୍ଡାରୀ ମାରିବାର ରେକର୍ଡକୁ ଦେଖିବା, ତେବେ କ୍ରିସ୍ ଗେଲ୍ ପ୍ରଥମ ସ୍ଥାନରେ ଅଛନ୍ତି, ଯିଏ ଏପର୍ଯ୍ୟନ୍ତ ମୋଟ୍ ୨୧୯୬ ବାଉଣ୍ଡାରୀ ମାରିଛନ୍ତି।

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ବିଜୟ, ୨୯ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ହରାଇଲା

**ମୁମ୍ବାଇ**

ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡ଼ିୟମ ଠାରେ ଚାଲିଥିବା ଆଇପିଏଲର ୨୦ତମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲକୁ ୨୯ ରନରେ ହରାଇ ଚଳିତ ସିଜନ୍‌ରେ ନିଜର ପ୍ରଥମ ବିଜୟ ହାସଲ କରିଛି ମୁମ୍ବାଇ ଇଣ୍ଡିଆନ୍ସ।

ମୁମ୍ବାଇ ଦ୍ୱାରା ରଖାଯାଇଥିବା ୨୩୫ ରନର ବିଜୟ ଲକ୍ଷ୍ୟ ଜବାବରେ ଦିଲ୍ଲୀ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ କରିପାରିଥିଲା। ଦଳ ପକ୍ଷରୁ ଟ୍ରିଷ୍ଟାନ ଷ୍ଟବ୍ସ ମାତ୍ର ୨୫ଟି ବଲରେ ୭୧ ରନ କରିଥିବା ବେଳେ ପୃଥ୍ୱୀ ଶାହ ୬୬ ରନ କରିଥିଲେ। ସେହିପରି ଅଭିଷେକ ପୋରେଲ ୪୧ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଗେରାଲ୍ଡ କୋଟଜି ୪ଟି ଓ ଯଶପ୍ରୀତ ବୁମ୍ରା ୨ଟି ୱିକେଟ ନେଇଥିଲେ।



ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ଆରମ୍ଭରୁ ଏକ ବଡ଼ ପାର୍ଟନରସିପ୍ କରି ଏକ ଭଲ ମୂଳଦୁଆ ସ୍ଥାପନ କରିଥିଲା। ଦଳର ଦୁଇ ଓପନର ରୋହିତ ଶର୍ମା ଓ ଇଶାନ କିଷନ ଯଥାକ୍ରମେ ୪୯ ରନ ଓ ୪୨ ରନ କରିଥିଲେ। ତେବେ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଯାଇଥିଲେ। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୩୯ ରନ କରିଥିଲେ। ତେବେ ଇନିଂସର ଶେଷ ୪ ଓଭରରେ ଦଳର ୨ ବ୍ୟାଟ୍ସମ୍ୟାନ ଟିମ୍ ଡେଭିଡ ଓ ରୋମାରିଓ ସେଫାର୍ଡ ବିସ୍ଫୋରକ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୨୩୪ ପର୍ଯ୍ୟନ୍ତ ପହଞ୍ଚାଇଥିଲେ। ଡେଭିଡ ମାତ୍ର ୨୧ଟି ବଲରୁ ୪୫ରନ କରିଥିବାବେଳେ ସେଫାର୍ଡ ମାତ୍ର ୧୦ଟି ବଲରୁ ୩୯ ରନ କରିଥିଲେ।

# ଆଇପିଏଲ୍‌ରେ ୭୫୦୦ରନ ପୂରଣ କଲେ ବିରାଟ

**ଜୟପୁର**

ଆଇପିଏଲ୍‌ର ୧୯ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲର୍ସ (ଆର୍‌ଆର୍) ଏବଂ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଶନିବାର ମୁହାଁମୁହିଁ ହୋଇଥିଲେ। ଜୟପୁରର ସାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ରୟାଲର୍ସ ଅଧିନାୟକ ସଞ୍ଜୁ ସାମସନ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ବିରାଟ କୋହଲି ଇତିହାସ ରଚିଛନ୍ତି। ୩୪ ରନ ସ୍କୋର କରିବା ପରେ ସେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୭୫୦୦ରନ ପୂରଣ କରିଥିଲେ। ଲିଗ୍‌ରେ ଏହି ସଫଳତା ହାସଲ କରିବାରେ ସେ ପ୍ରଥମ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

ବିରାଟ କୋହଲି ଏପର୍ଯ୍ୟନ୍ତ ଆଇପିଏଲରେ ୨୪୨ ମ୍ୟାଚ୍ ଖେଳିଛନ୍ତି। ଏହି ଅବଧି ମଧ୍ୟରେ ସେ ୨୩୪ ଇନିଂସରେ ହାରାହାରି ୩୮ ରନ ଏବଂ ୨୩୦ ଷ୍ଟ୍ରାଇକ୍ ରେଟ୍‌ରେ ୭୫୦୦ ରନ କରିଛନ୍ତି।

ଏହି ଲିଗ୍‌ରେ ବିରାଟ ୫୩ ଟି ଅର୍ଦ୍ଧଶତକ ଏବଂ ୭ ଶତକ ହାସଲ କରିଛନ୍ତି। ସେ ଆଇପିଏଲ ଇତିହାସରେ ସର୍ବାଧିକ ରନ ସ୍କୋରର ହୋଇ ପାରିଛନ୍ତି।

# ଦର୍ଶକଙ୍କୁ ଆକୃଷ୍ଟ କରୁଛନ୍ତି ଡ୍ୟାନ୍ସିଂ ଅମ୍ପାୟାର ଲିପୁନ୍



**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଆନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍‌ରେ ହାତଗଣତି ଅମ୍ପାୟାରଙ୍କ ନିଆରା ଶୈଳୀ ଚର୍ଚ୍ଚିତ ହୋଇଛି। ହେଲେ ସ୍ଥାନୀୟ ମ୍ୟାଚ୍‌ରେ ଜଣେ ଅମ୍ପାୟାରଙ୍କ ଏଭଳି ଭିନ୍ନ ଶୈଳୀର ଅମ୍ପାୟାରିଂ ଏବେ ଚର୍ଚ୍ଚାକୁ ଆସିଛି। ଡ୍ୟାନ୍ସିଂ ଷ୍ଟାଇଲ୍‌ରେ ତାଙ୍କ ଅମ୍ପାୟାରିଂ ଚର୍ଚ୍ଚିତ ହୋଇଛି। ସେ ହେଉଛନ୍ତି ଶେରଗଡ଼ ବ୍ଲକ୍ ମହୁପଦା ଗ୍ରାମର ଲିପୁନ୍ ବିଷୋୟୀ। ଗଞ୍ଜାମ ଜିଲ୍ଲା ହେଉ ବା ଅନ୍ୟ କୌଣସି ପଡ଼ୋଶୀ ଜିଲ୍ଲା ତାଙ୍କୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ବେଳେ ସ୍ୱତନ୍ତ୍ର କରି ଅମ୍ପାୟାରିଂ କରିବାକୁ ନିମନ୍ତ୍ରଣ ମିଳିବାକୁ ଲାଗିଛି। ତାହା ପଛରେ କାରଣ ହେଉଛି ତାଙ୍କର ନିଆରା ଶୈଳୀରେ ଡ଼ିସିସନ୍ ଘୋଷଣା। ମ୍ୟାଚ୍‌ରେ ଚୌକା ହେଉ କି ଛକା କେହି ବ୍ୟାଟ୍ସମ୍ୟାନ୍ ମାରିଲେ ଏଣେ ମ୍ୟୁଜିକ୍ ବାଜିବା ମାତ୍ରେ ଆରମ୍ଭ ହୋଇଯାଏ ଲିପୁନଙ୍କ ଡ୍ୟାନ୍ସ ଷ୍ଟାଇଲ୍। ଆଉ ଏହାକୁ ଖେଳାଳୀଙ୍କ ସମେତ ଦର୍ଶକମାନେ ମଧ୍ୟ ଉପଭୋଗ କରିଥାନ୍ତି। କେବଳ ଏତିକି ନୁହେଁ, ୱିକେଟ୍ ପଡ଼ିବା ମାତ୍ରେ ଜଣେ ବ୍ୟାଟ୍ସମ୍ୟାନ୍ ପଡ଼ିଆରୁ ବାହାରୁଥିବା ତଥା ଆଉ ଜଣେ ବ୍ୟାଟ୍ସମ୍ୟାନ୍ ପ୍ରବେଶ କରୁଥିବା ବେଳେ ମଧ୍ୟ ପଡ଼ିଆରେ ବୁଲି ବୁଲି ଲିପୁନ୍ ନୃତ୍ୟ କରିଥାନ୍ତି। ଏହା ବେଶ କୌତୁହଳ ମନେ ହୁଏ। ନିକଟରେ ବ୍ରହ୍ମପୁର ଉପକଣ୍ଠ ଏକ ମ୍ୟାଚ୍‌ରେ ଅମ୍ପାୟାରକୁ ଦେଖିବାକୁ ପାଇଁ ଭିଡ଼ ଜମିଥିଲା। ବେଶ୍ ତାଳି ମାଡ଼ ସହ ଆଦର ମିଳିଥିଲା। ଲିପୁନ୍ କହନ୍ତି ପ୍ରଥମେ ସେ ନିଜ ଗ୍ରାମରେ ହେଉଥିବା ଏକ ମ୍ୟାଚ୍‌ରେ ଏଭଳି ଷ୍ଟାଇଲ୍‌ରେ ଅମ୍ପାୟାରିଂ କରିଥିଲେ। ତାଙ୍କୁ ବେଶ୍ ପ୍ରୋତ୍ସାହନ ସହ ଏଭଳି କରିବାକୁ ଲୋକେ ଉତ୍ସାହିତ କରିଥିଲେ। ତା' ପରଠାରୁ ତାଙ୍କର ଏଭଳି ଶୈଳୀର ନୃତ୍ୟ ସହିତ ଅମ୍ପାୟରିଂଙ୍କ ଜାରି ରହିଛି।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ଟିମ୍-ଏ ଚାମ୍ପିଅନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**




ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ତଥା ମୟୂରଭଞ୍ଜ ଆଥେଲେଟିକ୍ ଆସୋସିଏସନର ସହଯୋଗରେ ଆୟୋଜିତ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୫ଟି ଦଳକୁ ନେଇ ୧୧ ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଟିମ୍-ଏ ଟିମ୍-ବି କୁ ୯ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି ଟିମ୍-ବି ୧୮.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଚନ୍ଦନ ସିଂ ୧୦୨ ରନ କରିଥିବା ବେଳେ ବିପକ୍ଷ ଦଳର ରୋଶନ ଚୌଧୁରୀ ୩ ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ଟିମ୍-ଏ ୧୨.୧ ଓଭରରେ ଏକ ମାତ୍ର ଉଇକେଟ ହରାଇ ୧୭୦ ରନ ସଂଗ୍ରହ କରି ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ରୋଶନ ଚୌଧୁରୀ ୮୯ ଓ ଜି.ଏନ୍. ବିଶ୍ୱପ୍ରକାଶ ସାହୁ ୫୮ ରନ କରିଥିଲେ। ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୧୭ ରନ ଓ ୫ଟି ଉଇକେଟ ଅକ୍ତିଆର କରିଥିବା ଚନ୍ଦନ ସିଂଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଓ ଶ୍ରେଷ୍ଠ ଖେଳାଳି ଭାବେ, ହ୍ୟାଟ୍ରିକ୍ ସହ ୧୧ଟି ଉଇକେଟ ଅକ୍ତିଆର କରିଥିବା ପ୍ରିୟଙ୍କ ପଟ୍ଟନାୟକ ଶ୍ରେଷ୍ଠ ବୋଲର ଭାବେ ଏବଂ ଫାଇନାଲ ମ୍ୟାଚ୍‌ରେ ୮୯ ରନ କରିବା ସହ ୩ଟି ଉଇକେଟ ଅକ୍ତିଆର କରିଥିବା ରୋଶନ ଚୌଧୁରୀ ମ୍ୟାନ୍ ଅଫ୍ ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଦୀପକ ଦେହୁରୀ ଓ ଦିବ୍ୟରଞ୍ଜନ ସାହୁଙ୍କୁ ଉଦୀୟମାନ ଖେଳାଳି ଭାବେ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା। ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ସଭ୍ୟ କିଶୋର ଚନ୍ଦ୍ର ସିହ୍ନା, କୁମାର ରଞ୍ଜନ ପଣ୍ଡା, ଅନ୍ନଦା ଦାଶ, ଲୋହିତ ଦାସ, ଗଦାଧର ବେହେରା, ସତ୍ୟାନନ୍ଦ ଶେଜପଡ଼ା, ଅଶୋକ ରାଉତ, କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠୀ, ରବୀନ୍ଦ୍ର କୁମାର ମହାନ୍ତି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସଅପ୍ ଟ୍ରଫି ସହ କୃତୀ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଅପରେସନ ପରେ ଆଶାବାଡ଼ି ଧରି ଚାଲିଲେ ମହମ୍ମଦ ଶାମି

**ନୂଆଦିଲ୍ଲୀ**

ଭାରତୀୟ ଦ୍ରୁତ ବୋଲର ମହମ୍ମଦ ଶାମି ନିଜର ଆଘାତ ସମସ୍ୟା ବିଷୟରେ ଅପଡେଟ ଶେୟାର କରିଛନ୍ତି। ତାଙ୍କର ଇନଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଏକ ଫଟୋ ପୋଷ୍ଟ କରିଛନ୍ତି, ଯେଉଁଠାରେ ତାଙ୍କୁ ଆଶାବାଡି ସାହାଯ୍ୟରେ ଚାଲୁଥିବାର ଦେଖିବାକୁ ମିଳିଛି। ଗତ ନଭେମ୍ବର ୧୯ରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ବିଶ୍ୱକପ ଫାଇନାଲରେ ଅଂଶଗ୍ରହଣ କରିବା ପରଠାରୁ ଶାମି କୌଣସି ପ୍ରକାର କ୍ରିକେଟ ଖେଳି ନାହାନ୍ତି।

ସେ ଅଷ୍ଟ୍ରେଲିଆ ବିପକ୍ଷରେ ଟି-୨୦ ଏବଂ ପରବର୍ତ୍ତୀ ସମୟରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରୁ ମଧ୍ୟ ବଞ୍ଚିତ ହୋଇଥିଲେ। ଶାମି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୪ରେ ଗୁଜରାଟ ପାଇଁ ମଧ୍ୟ ଖେଳିବାକୁ ଉପଲବ୍ଧ ହୋଇ ନଥିଲେ। ଆଇପିଏଲର ଗତ ସଂସ୍କରଣରେ ଶାମି ଅଗ୍ରଣୀ ୱିକେଟ ନେବାର ସଫଳତା ପାଇଥିଲେ। ତେବେ ଚ୍ୟାଲେଞ୍ଜିଂ ସମୟ ମଧ୍ୟରେ ଶାମି ଶୀଘ୍ର ସୁସ୍ଥ ହେବାର ଆଶା ଛାଡ଼ି ନାହାଁନ୍ତି। ଶାମି ତାଙ୍କର ପୋଷ୍ଟରେ ଲେଖିଛନ୍ତି ଟ୍ରାକ୍‌କୁ ଫେରି ସଫଳତା ପାଇଁ ଭୋକିଲା ଅଛନ୍ତି। ରାସ୍ତା କଠିନ ହୋଇପାରେ, କିନ୍ତୁ ଗନ୍ତବ୍ୟ ସ୍ଥଳ ମୂଲ୍ୟବାନ ବୋଲି ଶାମି ଲେଖିଛନ୍ତି।

ଶାମି ଆଘାତ ସହ ସଂଗ୍ରାମ କରୁଛନ୍ତି ଏବଂ ଏଥିପାଇଁ ନିକଟରେ ସେ ଅପରେସନ କରିଥିଲେ। ପ୍ରାରମ୍ଭରେ, ସେ ଏକ କ୍ରମାଗତ ଗୋଇଠି ସମସ୍ୟାରେ ପୀଡ଼ିତ ହୋଇଥିଲେ ଯାହା ଫେବୃଆରୀ ୨୦୨୪ ରେ ଅସ୍ତ୍ରୋପଚାର ଆବଶ୍ୟକ କରୁଥିଲା, ଯେଉଁଠି ପାଇଁ ସେ ଆଇପିଏଲରୁ ବାଦ୍ ପଡ଼ିଥିଲେ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ସୁସ୍ଥ ହେଉଥିବାର ସୂଚନା ଦେଇଛନ୍ତି।

ବିସିସିଆଇ ସଚିବ ଜୟ ଶାହା ସୁନିଶ୍ଚିତ କରିଛନ୍ତି ଯେ, ଶାମି ବାଙ୍ଗଲାଦେଶ ବିପକ୍ଷ ଟି୨୦ ସିରିଜ୍ ପାଇଁ ସେପ୍ଟେମ୍ବର ୨୦୨୪ରେ ପ୍ରତ୍ୟାବର୍ତ୍ତନ କରିବେ। ତେବେ ଟି୨୦ ବିଶ୍ୱକପରେ ତାଙ୍କର ଖେଳିବା ଏବେ ଅନିଶ୍ଚିତତା ଭିତରେ ରହିଛି।

# ଶକ୍ତିଉତ୍ତୋଳନ ଚମ୍ପିଆନସିପ୍ : ଓଡ଼ିଶା ଦଳର ହାଇଦ୍ରାବାଦ ଗସ୍ତ

**କଟକ**

ଚଳିତ ଏପ୍ରିଲ ୮ରୁ ୧୨ ପର୍ଯ୍ୟନ୍ତ ହାଇଦରାବାଦ୍‌ରେ ଜାତୀୟ ବରିଷ୍ଠ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍ ଆୟୋଜିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୫ ଜଣିଆ ଓଡ଼ିଶା ଦଳ ହାଇଦ୍ରାବାଦ୍ ଗସ୍ତ କରିଛନ୍ତି। ଦଳରେ ରଞ୍ଜନ ହାଁସଦା, ପ୍ରବୀର କୁମାର ପୃଷ୍ଟି, ପାଡ଼ଲା ଶ୍ରୀନିବାସ, ଦେବାଶିଷ ମହାନ୍ତି, କପିଳେନ୍ଦ୍ର ସାମଲ, ମାଇକେଲ ମାଣ୍ଡିଆ, ସୌମ୍ୟପ୍ରଭା ଟୁଡୁ, ପ୍ରଭାତି ସିଂହ, ଦେବୀ ସିଂହ, ଦିବ୍ୟଲେଖା ମିଶ୍ର, ତନୟା ପଣ୍ଡା, ରାଜସ୍ମିତା ସାହୁ, ନଗ୍‌ମା ଆରା ବେଗମ ପ୍ରମୁଖ ବିଭିନ୍ନ ଓଜନ ବର୍ଗରେ ଭାଗନେବେ ଦଳ ସହ ରାକେଶ ଶତପଥୀ ପ୍ରଶିକ୍ଷକ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ମ୍ୟାନେଜର ଭାବେ ଦଳ ସହିତ ଯାତ୍ରା କରିଛନ୍ତି ଖେଳାଳିଙ୍କୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଇବା ସହ ସହ ସଫଳତା କାମନା କରାଯାଇଛି।

# ସକାଳୁଆ ସ୍କୁଲ ଚାଲିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର,ପକ୍ଷରୁ ୦୫ ନମ୍ବର୍ ବୁଲେଟିନ୍‌ରେ ଜାରି ହୋଇଥିବା ଯାଜପୁର ଜିଲ୍ଲାରେ ରୌଦ୍ରତାପ ବଢ଼ିବାର ସମ୍ବାଦକୁ ଭିତ୍ତିକରି ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଜିଲ୍ଲାର ସମସ୍ତ ସରକାରୀ, ବେସରକାରୀ, ଅର୍ଦ୍ଧ ସରକାରୀ, ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ସକାଳ ଘ.୦୬।୩୦ମି. ସମୟରୁ ପୂର୍ବାହ୍ନ ଘ.୧୦।୩୦ମି ସମୟ ପର୍ଯ୍ୟନ୍ତ ବିଦ୍ୟାଳୟ ଚାଲିବାକୁ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମେ ସମସ୍ତ ବିଦ୍ୟାଳୟ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ଏହି ନିୟମକୁ ମାନି ବିଦ୍ୟାଳୟ ଚଳାଇବେ।ଏ ସମ୍ବନ୍ଧୀୟ ନିର୍ଦ୍ଦେଶାନାମା ଜିଲ୍ଲା ଶିକ୍ଷା ଅଧିକାରୀ, ଯାଜପୁର, ସମସ୍ତ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ଅଧକ୍ଷ ଅଧକ୍ଷା ମାନେ ପରବର୍ତ୍ତୀ ନିର୍ଦ୍ଦେଶ ନାମା ଜାରି ହେବା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଏହି ଆଦେଶ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ନିର୍ଦ୍ଦେଶ ଦେଇଛନ୍ତି।

# କୋରାପୁଟର ଟ୍ରିମ୍ୟାନ୍ ଓ ଜଳବାୟୁ କଂଗ୍ରେସର ଚାରା ରୋପଣ ଓ ବଣ୍ଟନ




**କଟକ, ନ୍ୟୁଜ୍‌ବ୍ୟୁରୋ**

ପ୍ରକୃତି ପ୍ରେମୀ ତଥା କୋରାପୁଟର ଟ୍ରିମ୍ୟାନ ଭାବେ ସୁପରିଚିତ ରବିନ୍ଦ୍ର କୁମାର ରଣା ମହାନଦୀ ବିହାରସ୍ଥିତ ଭାରତୀୟ ଜଳବାୟୁ କଂଗ୍ରେସର ପରିସରକୁ ଆସି ଚାରା ରୋପଣ ଓ ବଣ୍ଟନ କରିଛନ୍ତି ତାଙ୍କ ନିଜ ଗାଡ଼ିରେ କୋରାପୁଟରୁ ୨୦୦ ଚାରା ଆଣି କଟକ ଓ ଭୁବନେଶ୍ୱରର ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ଚାରା ରୋପଣ ଓ ବଣ୍ଟନ କରିଛନ୍ତି। ତାଙ୍କର ଏହି ମହାନ୍ କାର୍ଯ୍ୟ ପାଇଁ ଭାରତୀୟ ଜଳବାୟୁ କଂଗ୍ରେସର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ସଞ୍ଜୟ କୁମାର ସାମନ୍ତରାୟ ଅନୁଷ୍ଠାନ ତରଫରୁ ସମ୍ମାନୀତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଡ. ହରିହର କାନୁନ୍‌ଗୋ, ଡ. ପବିତ୍ର କୁମାର ରଥ, ବଳରାମ ଦାସ, ଇ. ପ୍ରମୋଦ କୁମାର ନାୟକ, ପ୍ରତିମା ସାମନ୍ତରାୟ, ଅନୀମା ନାୟକ, ସମ୍ବିତ ନନ୍ଦ, ଡ. ସୁବୋଧ କୁମାର କର୍ଣ୍ଣ, ଇଂ ଗୋପାଳ କୃଷ୍ଣ ବେହେରା ଓ ଡ. ବୀର କିଶୋର ଦାସ ଯୋଗ ଦେଇଥିଲେ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ଗିରଫ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଆଦର୍ଶ ଥାନା ପୋଲିସ ବୃନ୍ଦାବନ ଟିକିରାସାହିରେ ମହିଳାଙ୍କୁ ବୀଭତ୍ସ ହତ୍ୟା ମାମଲାରେ ହତ୍ୟାକାରୀ ସ୍ୱାମୀକୁ କୋର୍ଟ ଚାଲାଣ କରିଛି ବୌଦ୍ଧ ଥାନା ପୋଲିସ୍। ପ୍ରକାଶଥାଉକି ମଙ୍ଗଳବାର ବିଳମ୍ବିତ ରାତିରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ବିବାଦକୁ ନେଇ ସ୍ୱାମୀ ସନାତନ ନାଗ ସ୍ତ୍ରୀ ଅମୃତି ନାଗକୁ ଟାଙ୍ଗିଆରେ ହାଣି ଫେରାର ହୋଇ ଯାଇଥିଲା। ଅମୃତିର ବାପା ପଙ୍କୁଆଳ ଗ୍ରାମର ବାବାଜୀ ଅଦରଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଫେରାର ଥିବା ସ୍ତ୍ରୀ ହତ୍ୟାକାରୀ ସ୍ୱାମୀ ସନାତନକୁ ପୋଲିସ୍ ଟିକିରାସାହି ନିକଟରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ସାଧାରଣ ନିର୍ବାଚନ ୨୦୨୪ ପାଇଁ କାର୍ଯ୍ୟନିର୍ବାହୀ ଦଣ୍ଡାଧିକାରୀ ଓ ନୋଡାଲ ଅଧିକାରୀଙ୍କ ବୈଠକ

**ବାଲେଶ୍ୱର, ନ୍ୟୁଜ୍**

ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଶୀଷ ଠାକରେଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସାଧାରଣ ନିର୍ବାଚନ-୨୦୨୪ ସମ୍ପର୍କରେ ଆଲୋଚନା କରିବା ନିମନ୍ତେ ଏଫ.ଏସ୍.ଟି ଓ ଏସ୍.ଏସ୍.ଟିର କାର୍ଯ୍ୟକାରୀ ଦଣ୍ଡାଧିକାରୀ ଓ କାର୍ଯ୍ୟକାରୀ ଏଜେନ୍ସିଗୁଡିକର ନୋଡାଲ ଅଧିକାରୀଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିରଞ୍ଜନ ବେହେରା, ବାଲେଶ୍ୱର ଉପଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଉପଜିଲ୍ଲାପାଳ ଶୁଭଶ୍ରୀ ରଥ,



ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଦୀପ କୁମାର ଦଳାଇ ଓ ଆୟକର, ଅବକାରୀ, ସୂଚନା ଓ ଲୋକସମ୍ପର୍କ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପ୍ରମୁଖ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

ଏହି ବୈଠକରେ ଆଦର୍ଶ ଆଚରଣ ସଂହିତା (ଏମ.ସି.ସି.), ନିର୍ବାଚନ ପରିଚାଳନା ପ୍ରଣାଳୀ (ଇ.ଭି.ଏମ.ଏସ) ଓ ଗଣମାଧ୍ୟମ ପ୍ରମାଣନ ଏବଂ ଯାଞ୍ଚ କମିଟି (ଏମ୍.ସି.ଏମ୍.ସି)ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ଏଥିସହିତ ଜିଲ୍ଲାପାଳ ଅଧିକାରୀଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ନିର୍ବାଚନ ସମୟରେ ନୈତିକତାର ସର୍ବୋଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ନିର୍ବାଚନ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ ଉପରେ ନଜର ରଖିବା ଏବଂ ରିପୋର୍ଟ ଦେବା ଲାଗି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଯାହାଫଳରେ ଯେ କୌଣସି ଅସଦାଚରଣ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସେହିପରି ଅବାଧ, ନିରପେକ୍ଷ, ଶାନ୍ତିପୂର୍ଣ୍ଣ ନିର୍ବାଚନର ସଫଳ ଆୟୋଜନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ସୁସଙ୍ଗଠିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ନାଥ କହିଥିଲେ।

ଏହି ବୈଠକରେ ନିର୍ବାଚନ ପ୍ରକ୍ରିୟାରେ ବ୍ୟାପକ ତଦାରଖ ଏବଂ ନିୟନ୍ତ୍ରଣ ସୁନିର୍ଶ୍ଚିତ କରିବା ଲାଗି ପୋଲିସ, ଆୟକର ଏବଂ ଅବକାରୀ ଭଳି ବିଭିନ୍ନ ସଂସ୍ଥା ମଧ୍ୟରେ ନିରବଚ୍ଛିନ୍ନ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଓ ପରିଶେଷରେ ନିର୍ବାଚନ ପ୍ରକ୍ରିୟାରେ ସମ୍ପୃକ୍ତ ବିଭିନ୍ନ ଗଠିତ ଦଳଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କିପରି ତ୍ୱରାନ୍ୱିତ କାର୍ଯ୍ୟ ସମ୍ପାଦନ କରିପାରିବେ ସେଥି ପ୍ରତି ମଞ୍ଚାସୀନ ଅଧିକାରୀମାନେ ଉପଦେଶ ଦେଇଥିଲେ।

# ସୁବର୍ଣ୍ଣପୁରରେ ବିଜେଡିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ପଦଯାତ୍ରା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଠାରେ ବିଜୁ ଜନତା ଦଳର ବଲାଙ୍ଗିର ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଛି। ସୋନପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱରେ ଜିଲ୍ଲା ବିଜେଡି ଦଳ ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଶ୍ରୀ ଭୋଇ ନବୀନ ନିବାସରେ ମୁଖ୍ୟ ମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇ ନିଜ ଲୋକ ସଭା ନିର୍ବାଚନ ମଣ୍ଡଳୀକୁ ଫେରିବା ପରେ ପ୍ରଥମେ ମନମୁଣ୍ଡା ତେଲ ନଦୀ ବ୍ରିଜ ଠାରୁ ଦଳ ପକ୍ଷରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ପ୍ରଥମେ ସ୍ଥାନୀୟ ଇଷ୍ଟଦେବୀ ମା' ସୁରେଶ୍ୱରୀଙ୍କ ମନ୍ଦିର ଯାଏ ପାଛୋଟି ନିଆଯାଇଥିଲା। ଶ୍ରୀ ଭୋଇ ପ୍ରଥମେ ମାଁ ସୁରେଶ୍ୱରୀଙ୍କ ଦର୍ଶନ ଲାଭ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଆଗାମୀ ଦିନରେ ସୁବର୍ଣ୍ଣପୁର ଓ ବଲାଙ୍ଗିର ଅଞ୍ଚଳ ତଥା ରାଜ୍ୟର ସାମୂହିକ ବିକାଶ ଲାଗି ମେହେର ପାର୍କ ଠାରେ ଆୟୋଜିତ ବିରାଟ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସଂକଳ୍ପ ନେଇଥିଲେ। ପରେ ପରେ ଉପସ୍ଥିତ ହଜାର ହଜାର ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରି ଆଗାମୀ ନିର୍ବାଚନର ରଣନୀତି ପ୍ରସ୍ତୁତ କରିବାକୁ ଓ ରାଜ୍ୟ ସରକାରଙ୍କ ସୁ-ଶାସନ ଓ ସଧାରଣ ବର୍ଗ ଲୋକଙ୍କ ବିକାଶ ଲାଗି ଲାଗୁ ହୋଇଥିବା ବିଭିନ୍ନ ଯୋଜନା ସବୁକୁ ପ୍ରଚାର ପ୍ରସାର କରିବାକୁ ଆହ୍ୱାନ କରିବା ସହିତ ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ପହଞ୍ଚାଇବାକୁ ଶ୍ରୀ ସିଂ ଭୋଇ ଆହ୍ୱାନ ଦେଇଥିଲେ। ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଅଭିଭାଷଣ ବେଳେ ସୋନପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ବ୍ଲକ୍ ଓ ପୌର ପରିଷଦ, ଏନ୍‌ଏସିର ଅଧକ୍ଷ, ଅଧକ୍ଷା, ସମିତି ସଭ୍ୟଙ୍କୁ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇଙ୍କ ସହିତ ପରିଚୟ ପ୍ରଦାନ କରିଥିଲେ। ତାଙ୍କୁ ବିପୁଳ ଭୋଟ୍‌ରେ ବିଜୟ କରାଇବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀ ଭୋଇ ଓ ଶ୍ରୀ ପୂଜାରୀ ଦଳୀୟ ନେତା କର୍ମୀଙ୍କ ସହିତ ମା' ସୁରେଶ୍ୱରୀଙ୍କ ମନ୍ଦିରରୁ ଏକ ପଦଯାତ୍ରା କରି ଥନାପତି ପଡ଼ା, ଦୁର୍ଗା ମଣ୍ଡପ ଦେଇ ବିଜୁ ପଟ୍ଟନାୟକ ଛକ ଯାଏ ଜନ ସମ୍ପର୍କ, ପରିବାର ସମ୍ପର୍କ ଅଭିଯାନ ଆରମ୍ଭ କରି ସହରବାସୀଙ୍କୁ ଭୋଟ୍ ଭିକ୍ଷା କରିଥିଲେ। ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉଭୟେ ପୁଷ୍ପମାଲ୍ୟ ଅର୍ପଣ କରି ପରେ ପରେ ମେହେର ପାର୍କଠାରେ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ। ବିଭିନ୍ନ ବ୍ଲକ ବିଜେଡି ପକ୍ଷରୁ ଓଡ଼ିଶା ସାମ୍ବାଦିକ ସଂଘ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରୀ ଭୋଇଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂ ଭୋଇ ଓ ବିଧାନସଭା ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କ ସମେତ ବିଜେଡି ଜିଲ୍ଲା ସଭାପତି ସରୋଜ କମ୍ପ, ଉପସଭାପତି ରମେଶ ପୂଜାରୀ, ସୋନପୁର ବ୍ଲକ୍ ଅଧକ୍ଷ ପ୍ରହଲ୍ଲାଦ ନାଏକ, ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ, ବିଜେଡି କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ କୁଶଳ, ଜିଲ୍ଲା ପରିଷଦ ସଭ୍ୟ ମଧୁ ସୂଦନ ହୋତା, ହିମାଂଶୁ ବିଶ୍ୱାଳ, ସରପଞ୍ଚ ଅଶ୍ୱିନୀ ବିଶି ସଭାରେ ମଞ୍ଚାସୀନ ଥିଲେ। ବରିଷ୍ଠ ବିଜେଡି ନେତା ମାନଭଞ୍ଜନ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ନଗର ସଭାପତି ଜନ୍ମେଞ୍ଜୟ ପାତ୍ର, ମନୋରଞ୍ଜନ ତ୍ରୀପାଠୀ, ମାନଭଞ୍ଜନ ବେଦବାକ, ଆନନ୍ଦ ପାତ୍ର ପ୍ରମୁଖ ସମସ୍ତ ସକ୍ରିୟ ନେତା ସହଯୋଗ କରିଥିଲେ। ବିଜେଡି ନେତା ସୁବାଷ ସେଠୀ, ପ୍ରକାଶ ସାହୁ, ପୌର ଉପାଧକ୍ଷ ମଲ୍ଲିକା ଦାନି, ତରଭା ଏନ୍‌ଏସି ଅଧକ୍ଷ ଗଗନ ଅଗ୍ରୱାଲ, ସତ୍ୟ ନାରାୟଣ ତ୍ରିପାଠି, ଶାଶ୍ୱତ ମିଶ୍ର, ଗୋପାଳ ବାରାଇ, ପ୍ରମୁଖ ଜିଲ୍ଲାର ସମସ୍ତ ଅଞ୍ଚଳର ବ୍ଲକ୍, ଓ ଏନ୍‌ଏସି ଅଧକ୍ଷ, ସରପଞ୍ଚ, ସମିତି ସଭ୍ୟ ନେତା କର୍ମୀ, ମହିଳା କର୍ମୀ ଏଥିରେ ସାମିଲ ରହି ଶ୍ରୀ ଭୋଇ ଓ ପୂଜାରୀଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇ ବିଜୟ ପାଇଁ ସଫଳ କାମନା କରିଥିଲେ।



# କେନ୍ଦୁଝରରେ ବିଜେପି ପାଳିଲା ଦଳର ୪୫ତମ ପ୍ରତିଷ୍ଠା ଦିବସ




**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା କାର୍ଯ୍ୟାଳୟରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନେତୃତ୍ୱରେ ବିଜେପି ଦଳର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିଭୁତି ପ୍ରଧାନ ଏବଂ ବୁଟା ସିଂଙ୍କୁ ସମ୍ବର୍ଦ୍ଧିତ କରିଥିଲେ କେନ୍ଦୁଝର ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ସଦର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ। ପ୍ରଥମେ ଦଳର ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ମାନେ ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିଭୁତି ପ୍ରଧାନ ଓ ବୁଟା ସିଂ ଉଭୟେ ଦଳରେ ଦୀର୍ଘ ଦିନର ଅନୁଭୂତି କହିବା ସହିତ ଦଳିଅ କର୍ମୀଙ୍କୁ ପ୍ରେରଣା ଦାୟୀ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା ମଧ୍ୟ ମଞ୍ଚାସିନ ହୋଇଥିଲେ। ଦଳର ଏହି ବିଶେଷ ଦିନରେ କାର୍ଯ୍ୟାଳୟର ସମ୍ମୁଖ ଭାଗରେ ପ୍ରଭୁ ଗଣେଶଙ୍କର ଏକ ପଥର ମୂର୍ତ୍ତିର ପୂଜା ସହିତ ପ୍ରତିଷ୍ଠା କରାଯାଇଥିଲା। କେନ୍ଦୁଝର ଜିଲ୍ଲାର ବିଭିନ୍ନ ବୁଥ୍‌ରେ ଦଳର ଏହି ପ୍ରତିଷ୍ଠା ଦିବସ ପାଳନ କରାଯାଇଥିବା କହିଛନ୍ତି ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୮ ଅପ୍ରେଲ ୨୦୨୪ ସୋମବାର





# ବିଦେଶ ମାଟିରେ ଚମକିଲେ ସୋନପୁରର ୩ ଝିଅ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**







ଝିଅ ଜନମ ଆଉ ଚୁଲି ମୁଣ୍ଡକୁ ନୁହେଁ, ଝିଅ ଜନମ ଅନ୍ତର୍ଜାତୀୟ ସ୍ତରରେ ନାଁ ରଖିବାକୁ । ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରି ଝିଅ ମାନେ କନ୍ୟା ରତ୍ନ ସାଜୁଛନ୍ତି । ଏଭଳି ସୋନପୁର ମାଟିର ତିନି କନ୍ୟା ରତ୍ନ ବିଦେଶ ମାଟିରେ ଚମକିଛନ୍ତି । କେବଳ ଯେ ସୋନପୁର ନୁହେଁ ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଆଣିଛନ୍ତି । ନେପାଳର ରାଜଧାନୀ କାଠମାଣ୍ଡୁଠାରେ ଅନୁଷ୍ଠିତ ମଡେଲିଂ ପ୍ରତିଯୋଗିତାରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ସୋନପୁରର ତିନି ଝିଅ ବିଭିନ୍ନ ବିଭାଗରେ ବିଜେତା ଘୋଷଣା ହୋଇଛନ୍ତି । ଏପ୍ରିଲ ୧ ତାରିଖରେ କାଠମାଣ୍ଡୁର ପାଲାଜୋ ହୋଟେଲ୍‌ରେ ଉକ୍ତ ପ୍ରତିଯୋଗିତାର ଫାଇନାଲ୍ ରାଉଣ୍ଡ ଅନୁଷ୍ଠିତ ହୋଇଥିଲା । ଏହି ମେଗା ଇଭେଣ୍ଟରେ ୧୦ଟି ଦେଶର ୩୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ବିଭିନ୍ନ ସ୍ତରରେ ଉତ୍ତମ ପ୍ରଦର୍ଶନ କରି ମୋଟ ୯ଟି ବିଭାଗ ମଧ୍ୟରୁ ୩ଟି ବିଭାଗରେ ସୋନପୁରର ଉକ୍ତ ତିନି ଝିଅ ବିଜେତା ହୋଇଛନ୍ତି । ସୋନପୁର ପଟାଭାଡି ନିବାସୀ ବିଶ୍ୱବିଜୟିନୀ ମିଶ୍ରଙ୍କୁ ମିସ୍ ଟିନ୍ ଗ୍ଲୋବାଲ୍ ଇଣ୍ଟରନେସନାଲ୍ ତାଜ୍ ମିଳିଛି । ସେହିପରି ମାଣିକେଶ୍ୱରୀ ପୁଟ୍ ନିବାସୀ ସୁଚିସ୍ମିତା ବେହେରା ମିସ୍ ପ୍ରିଟିନ୍ ଗ୍ଲୋବାଲ୍ ଇଣ୍ଟରନେସନାଲ୍ ୨୦୨୪ ଘୋଷିତ ହୋଇଛନ୍ତି । କନିଷ୍ଠ ବିଭାଗରେ ବଡବଜାରର ହର୍ଷିତା ରଞ୍ଜନଙ୍କୁ ଲିଟିଲ୍ ମିସ୍ ଗ୍ଲୋବାଲ୍ ଇଣ୍ଟରନେସନାଲ୍ ମଡେଲ୍ ଘୋଷିତ ହୋଇଛନ୍ତି । ଅନ୍ତର୍ଜାତୀୟ ସ୍ତରର ସୁନାମଧନ୍ୟ ମଡେଲ୍ ଯୋଗଦେଇ ବିଜେତା ପ୍ରତିଯୋଗୀମାନଙ୍କୁ ତାଜ୍ ପ୍ରଦାନ କରିଥିଲେ । ସୋନପୁରର ଝିଅ ବିଦେଶ ମାଟିରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିଥିବାରୁ ଏହି ପ୍ରତିଯୋଗୀ ମାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

# ସମ୍ବଲପୁରରେ ବିଜେପିର ପ୍ରତିଷ୍ଠା ଦିବସ ପାଳିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

**ଭୁବନେଶ୍ୱର/ସମ୍ବଲପୁର, ନ୍ୟୁଜ ବ୍ୟୁରୋ**



ବିଜେପି ଓଡ଼ିଶା ସମେତ ଦେଶବାସୀଙ୍କ ପାଇଁ ସେବା, ସମର୍ପଣ ଏବଂ ବିଶ୍ୱାସର ସମାନର୍ଥକ ହୋଇଛି ବୋଲି ଭାରତୀୟ ଜନତା ପାର୍ଟିର ସ୍ଥାପନା ଦିବସ ଅବସରରେ ସମ୍ବଲପୁର ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଭାରତୀୟ ଜନତା ପାର୍ଟିର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଭାଇ ଭଉଣୀ ଏବଂ ସମଗ୍ର ବିଜେପି ପରିବାରକୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି ଯେ ଡ. ଶ୍ୟାମା ପ୍ରସାଦ ମୁଖାର୍ଜୀ ଏବଂ ପଣ୍ଡିତ ଦୀନଦୟାଳ ଉପାଧ୍ୟାୟ ଜୀଙ୍କ ଭଳି ରାଷ୍ଟ୍ରୀୟ ସେବକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ବିଜେପି ଅଟଳ ବିହାରୀ ବାଜପେୟୀ, ଲାଲକୃଷ୍ଣ ଆଡଭାନୀ ଜୀ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରି ଅଗଣିତ କର୍ମଯୋଗୀଙ୍କ ଅବଦାନରେ ବିଶ୍ୱର ସର୍ବବୃହତ ରାଜନୈତିକ ପରିବାରରେ ପରିଣତ ହୋଇଛି ଏବଂ ଏକ ବିରାଟ ବଟବୃକ୍ଷର ରୂପ ନେଇଛି । ଅକ୍ଲାନ୍ତ ପରିଶ୍ରମ ମାଧ୍ୟମରେ ବିଜେପିକୁ ବିରାଟ ବଟବୃକ୍ଷରେ ପରିଣତ କରିଥିବା ବରିଷ୍ଠ ନେତାଗଣ ଏବଂ କାର୍ଯ୍ୟକର୍ତ୍ତାଙ୍କୁ ପ୍ରଣାମ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭୂତପୂର୍ବ ନେତୃତ୍ୱ, ଶୀର୍ଷ ନେତୃତ୍ୱର ପ୍ରୟାସ ଏବଂ କର୍ମୀ କାର୍ଯ୍ୟକର୍ତ୍ତାଙ୍କର ନିଃସ୍ୱାର୍ଥପର ସେବା ମନୋଭାବ ଯୋଗୁଁ ବିଜେପି ଦେଶର ସବୁଠାରୁ ବିଶ୍ୱସ୍ତ ରାଜନୈତିକ ଦଳ ଭାବରେ ଉଭା ହୋଇଥିବା ବେଳେ ଜନସାଧାରଣଙ୍କ ପ୍ରଥମ ପସନ୍ଦ ହୋଇଛି । ଅନ୍ତ୍ୟୋଦୟ, ସେବା ହିଁ ସଂଗଠନ ଭଳି କାଳଜୟୀ ଚିନ୍ତାଧାରାରୁ ପ୍ରେରଣା ନେଇ ସମସ୍ତ କାର୍ଯ୍ୟକର୍ତ୍ତାମାନେ ଏକ ବିକଶିତ ଭାରତ ଗଠନ ଏବଂ ଭାରତ ମାତାର ଗୌରବ ବଢ଼ାଇବା ପାଇଁ ନିରନ୍ତର ପ୍ରୟାସ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି । ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ଓ ଜିଲ୍ଲା ସଭାପତି ଗିରିଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ଲସି ଓ ସର୍ବତ ଦୋକାନରେ ସିଏମ୍‌ସି ଫୁଡ ସ୍କ୍ୱାର୍ଡ ଟିମ୍‌ର ଚଢଉ

**କଟକ, ନ୍ୟୁଜ ବ୍ୟୁରୋ**

ଗରମ ଦିନରେ ସର୍ବତର ମଜା ନେଉଛନ୍ତି କି ହୋଇଯାଆନ୍ତୁ ସାବଧାନ । କାରଣ ସର୍ବତ ପିଉ ପିଉ କେତେବେଳେ ଅସୁସ୍ଥତାର ଶିକାର ହୋଇପାରନ୍ତି । କଟକରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ପରେ ନିମ୍ନମାନର ପାନୀୟ ସାମଗ୍ରୀ ମଧ୍ୟ ବିକ୍ରି ହେଉଥିବା ଜାଣିବାକୁ ପାଇଛି ସିଏମସିର ଫୁଡ୍ ସେଫ୍ଟି ଟିମ୍ । ସୂଚନା ଅନୁଯାୟୀ, କଟକ ବିଭିନ୍ନ ସର୍ବତ ଦୋକାନରେ ସିଏମସି ପକ୍ଷରୁ ଚଢ଼ଉ କରାଯାଇଥିଲା । ଛୋଟ ଓ ବଡ଼ ବିଭିନ୍ନ ଲସି ଓ ସର୍ବତ ଦୋକାନରେ ସିଏମସିର ଖାଦ୍ୟ ସୁରକ୍ଷା ଟିମ୍ ଚଢ଼ଉ କରି ଏହା ପିଇବା ଉପଯୋଗୀ କି ନାହିଁ ତାହାକୁ ତଦାରଖ କରିଥିଲା । ଦହି, ରାବିଡ଼ି, ବରଫ, ରଙ୍ଗ ଆଦି ଯାଞ୍ଚ କରାଯାଇଥିଲା । ବିଶେଷ କରି ଦୋକାନ ଗୁଡ଼ିକ ଲସି ପାଇଁ ବ୍ୟବହାର ହେଉଥିବା ଗ୍ଲାସ୍ ପରିଷ୍କାର ଅଛି କି ନାହିଁ, ସର୍ବତରେ ବ୍ୟବହାର ହେଉଥିବା ଏସେନ୍ସର ମାନ ଯାଞ୍ଚ କରାଯାଇଥିଲା । ଖରା ଦିନ ଥିବାରୁ ଲୋକଙ୍କ ସର୍ବତ ଓ ଲସିର ଚାହିଦା ଅଧିକ ଥାଏ । ତେଣୁ ଏହାକୁ ଦୃଷ୍ଟିରେ ରଖି ନିୟମିତ ଭାବେ ସିଏମସିର ସ୍ୱାସ୍ଥ୍ୟ ବିଭାଗ ଟିମ୍ ପକ୍ଷରୁ ଚଢ଼ଉ କରାଯିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି । ତେବେ ନିୟମ ଉଲ୍ଲଘଂନ କରୁଥିବା ବ୍ୟବସାୟୀଙ୍କ ଠାରୁ ଜରିମାନା ସହ ଦୋକାନ ସିଲ୍ କରିବା ପାଇଁ ସିଏମସିର ସ୍ୱାସ୍ଥ୍ୟ ଅଧିକାରୀ ଚେତାବନୀ ଦେଇଛନ୍ତି । ସେହିପରି ରାସ୍ତା କଡ଼ରୁ ମୋମୋ, ପାଓଭାଜି, ପାମ୍ପଡ଼ି ଚାଟ, ଗୁପ୍‌ଚୁପ୍ ଦୋକାନରେ ମଧ୍ୟ ରେଡ଼ କରିଛି ସ୍ୱାସ୍ଥ୍ୟ ବିଭାଗ । ଅସ୍ୱାସ୍ଥ୍ୟକର ପରିବେଶ



ଓ ଅପମିଶ୍ରଣ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଡ଼ାକ୍ତର ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ସିଏମସି ପକ୍ଷରୁ ଏହି ଚଢ଼ଉ ହୋଇଥିଲା । ପାଓଭାଜି, ମୋମୋ, ଚାଟ୍, ଗୁପ୍‌ଚୁପ୍ ଭଳି ବିଭିନ୍ନ ଫାଷ୍ଟ ଫୁଡ଼ ଦୋକାନରେ ଏହି ଚଢ଼ଉ ହୋଇଥିଲା । ଖରାପ ସସ ସହିତ ବାସି ଖାଦ୍ୟ ବିକ୍ରି ହେଉଥିବା ସିଏମସି ସ୍ୱାସ୍ଥ୍ୟ ବିଭାଗ ଦେଖିବାକୁ ପାଇଥିଲା । ଫାଷ୍ଟଫୁଡ଼ ନଷ୍ଟ କରିବା ସହିତ ରାସ୍ତା କଡ଼ ଦୋକାନୀଙ୍କ ଠାରୁ ଫାଇନ ଆଦାୟ କରିଥିଲା ସିଏମସି ସ୍ୱାସ୍ଥ୍ୟ ବିଭାଗ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୋଦି ମଉଜ...

ପାଇଛନ୍ତି, ଏହା ହେଉଛି ମୋଦିର ଗ୍ୟାରେଣ୍ଟି । ତୃତୀୟ ଅବଧିରେ ଅଧିକ ଗ୍ୟାରେଣ୍ଟି ଆସିବ । ଗାଁର ଭଉଣୀମାନଙ୍କୁ କୋଟିପତି କରିବ । ମୋଦିର ଗ୍ୟାରେଣ୍ଟି ଇଣ୍ଡିଆ ମିଳିତ ମଞ୍ଚ ସହଯୋଗୀ ଆରଜେଡିକୁ ଅସୁବିଧାରେ ପକାଉଛି । ଭାରତର ଜଣେ ବଡ ନେତା କହିଛନ୍ତି ଯିଏ ଆପଣଙ୍କୁ ଗ୍ୟାରେଣ୍ଟି ଦିଏ ତାଙ୍କୁ ନିଷେଧ କରାଯିବା ଉଚିତ୍ । ମୋଦିର ଗ୍ୟାରେଣ୍ଟି ବେଆଇନ ଅଟେ ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଛନ୍ତି ଯେ ଗ୍ୟାରେଣ୍ଟି ଦେବା ବେଆଇନ କି ? ମୋର ୨୪ ଘଣ୍ଟା କାମ କରିବା ଅପରାଧ କି? ମୋଦି ଗ୍ୟାରେଣ୍ଟି ଦିଏ । କାରଣ ଗ୍ୟାରେଣ୍ଟି ପୂରଣ କରିବାର କ୍ଷମତା ତା' ପାଖରେ ଅଛି । ମୋଦିର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି । ମୋଦି ଗ୍ୟାରେଣ୍ଟି ଦିଏ କାରଣ ସେ ଗ୍ୟାରେଣ୍ଟି ପୂରଣ କରିବା ପାଇଁ କଠିନ ପରିଶ୍ରମ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ରେକର୍ଡ ମାର୍ଜିନ ...

ରାଜ୍ୟ ବିକାଶର ମୁଖ୍ୟ ବିନ୍ଧାଣୀ ସେମାନଙ୍କ ପାଇଁ ୫/୬ ହଜାର କୋଟିର ବୋଝ ନେବାକୁ ସରକାର ପ୍ରସ୍ତୁତ । ମୁଖ୍ୟମନ୍ତ୍ରୀ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ୩୫୦ଟଙ୍କାରୁ ମଜୁରୀ ୪୫୦ଟଙ୍କାକୁ ବୃଦ୍ଧି କରିଛନ୍ତି । ଆହୁରି ବହୁତ କିଛି କରିବାକୁ ବାକି ଅଛି । ଏଥର ସରକାରକୁ ଆସିଲେ ସେ ସବୁ ପୂରଣ କରାଯିବ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ । ଏ ଅବସରରେ ରାଜ୍ୟରେ ଚାଲିଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସାଙ୍ଗକୁ ଶ୍ରମିକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ କାର୍ତ୍ତିକ ପାଣ୍ଡିଆନ । ସେ କହିଥିଲେ ଯେ, ବିଏସ୍‌କେୱାଇ ହେଉଛି ଗରୀବ ଲୋକଙ୍କ ବଡ ସ୍ୱପ୍ନ । ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ଏଭଳି ଯୋଜନାର ପରିକଳ୍ପନା । ଗ୍ରାମାଞ୍ଚଳରେ ରହୁଥିବା ୯୦ ପ୍ରତିଶତ ଲୋକ ବିଏସ୍‌କେୱାଇ କାର୍ଡ ପାଇଛନ୍ତି । ଫଳରେ ବସ୍ତିରେ ରହୁଥିବା ଲୋକ ମଧ୍ୟ ବଡ ବଡ ବେସରକାରୀ ହସ୍‌ପିଟାଲରେ ଚିକିତ୍ସା କରିବାକୁ ସାହସ କରିପାରୁଛି । ଗରୀବ ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରି ଲୋକଙ୍କ ସ୍ୱପ୍ନ ପୂରଣ କରିଛନ୍ତି ନବୀନ ପଟ୍ଟନାୟକ । ଦେଶରେ ଏକମାତ୍ର ରାଜ୍ୟ ହେଉଛି ଓଡ଼ିଶା ଯେଉଁଠି ସରକାର କଣ୍ଟ୍ରାକ୍ଟରେ ନେଇ ଆନ୍ତର୍ଜାତିକ ବିମାନ ସେବା ଲୋକଙ୍କୁ ଯୋଗାଇଦେଇଛନ୍ତି । କେବଳ ସେତିକି ନୁହେଁ ଦୁବାଇ ଓ ସାଉଦୀ ଭଳି ବାହାର ଦେଶରେ ଥିବା ଶ୍ରମିକ କିଭଳି କମ ପଇସାରେ ଘରକୁ ଯା ଆସ କରିପାରିବେ ସେଥିପାଇଁ ବିମାନ ଭଡା ମଧ୍ୟ କମ୍ ରଖାଯାଇଛି । ଭଡା କମ୍ ଯୋଗୁଁ ଆଜି ଶ୍ରମିକଟି ୫ ବର୍ଷରେ ଥରେ ଘରକୁ ଆସିବା ବଦଳରେ ବର୍ଷକୁ ଥରେ ଘରକୁ ଆସିପାରୁଛି । କେବଳ ସେତିକି ନୁହେଁ ଗ୍ରାମାଞ୍ଚଳରୁ ଶ୍ରମିକଙ୍କ ଯାତାୟାତ ସୁବିଧା ପାଇଁ ରାଜ୍ୟସରକାର ଲକ୍ଷ୍ମୀ ବସ୍ ଯୋଜନା କରିଛନ୍ତି । ଏବେ ୮୦ପ୍ରତିଶତ ପଞ୍ଚାୟତରେ ଏହି ସୁବିଧା ମିଳୁଛି । ଦୁଇବର୍ଷ କୋଭିଡ ସତ୍ତ୍ୱେ□ ରାଜ୍ୟର ବିକାଶ ଶିଖର ଛୁଇଁଛି । ୨୦୧୯ରୁ ୨୦୨୪ ମଧ୍ୟରେ ବହୁ ବିକାଶମୂଳକ କାର୍ଯ୍ୟ ହାତକୁ ନିଆଯାଇଛି । ରାଜ୍ୟରେ ଏବେ ୧୦ହଜାରରୁ ଅଧିକ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଜାରି ରହିଛି । ପ୍ରତି ପଞ୍ଚାୟତରେ ଥିବା ସ୍କୁଲର ରୂପାନ୍ତରଣ କରାଯାଇଛି । ସ୍କୁଲରୁ ବ୍ଲାକ ବୋର୍ଡ ହଟାଇ ପିଲାଙ୍କୁ ସ୍ମାର୍ଟ ବୋର୍ଡ ଦିଆଯାଇଛି । ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଲାବେଳକୁ ମହାନଦୀ ଉପରେ ମାତ୍ର ଗୋଟିଏ ପୋଲ ଥିଲା । ଏବେ ୬ରୁ ୭ଟି ପୋଲ ନିର୍ମାଣ ହେଲାଣି । କୋରାପୁଟ, ମୟୂରଭଞ୍ଜ, ଫୁଲବାଣୀ ଭଳି ସ୍ଥାନରେ ମେଡିକାଲ କଲେଜ ସ୍ଥାପନ ହେଲାଣି । କଟକର ରୂପରେଖ ବଦଳିଯାଇଛି । କଟକକୁ ଦେଖିଲେ ସ୍ୱପ୍ନଭଳି ଲାଗୁଛି । ସମଲେଶ୍ୱରୀ ମନ୍ଦିରର ରୂପାନ୍ତରଣ ଏଭଳି ହୋଇଛି ଯେ, ନିଜେ ସମ୍ବଲପୁରବାସୀ ତାକୁ ବିଶ୍ୱାସ କରିପାରୁନାହାନ୍ତି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କେମିତି ହୋଇଛି ବୋଲି ପ୍ରଶ୍ନ କରିବା ସହ କେହି କେବେ ଏଭଳି ହୋଇପାରିବ ବୋଲି ଭାବିଥିଲା କି ବୋଲି ପ୍ରଶ୍ନ କରିଥିଲେ ପାଣ୍ଡିଆନ । ତେବେ ଏ ସବୁ ଶ୍ରମିକମାନଙ୍କ ପାଇଁ ହିଁ ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ । ବିଜୁ ଶ୍ରମିକ ସାମୁଖ୍ୟର ଏହି ରାଜ୍ୟସ୍ତରୀୟ କନଭେନସନରେ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରିତୀରଞ୍ଜନ ଘଡେଇ, ଭୁବନେଶ୍ୱର (ଉତ୍ତର)ବିଧାୟକ ସୁଶାନ୍ତ ରାଉତ, ବିଜୁ ଶ୍ରମିକ ସାମୁଖ୍ୟର ସାଧାରଣ ସମ୍ପାଦକ ତଥା କଟକ ମେୟର ସୁବାସ ସିଂ, ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ବିଜୁ ଶ୍ରମିକ ସାମୁଖ୍ୟର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା କନଭେନସନରେ ଯୋଗ ଦେଇଥିଲେ ।

## ରେଳ ଷ୍ଟେସନ ...

ନେଇ ଏହା ଏକ ବଡ଼ ଯୋଜନା । ଏହି ଚାଉଳ-ଅଟା ମଧ୍ୟ ମହଙ୍ଗା ବଦଳରେ ଶସ୍ତା ହେବ । ଏଥିପାଇଁ ରେଳବାଇ କେନ୍ଦ୍ର ଖାଦ୍ୟ ଏବଂ ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ସହ ସହଯୋଗ କରିବାକୁ ନିଷ୍ପତ୍ତି ନେଇଛି । ଏହା ଅନ୍ତର୍ଗତ ଦେଶର କେତେକ ମନୋନୀତ ରେଳ ଷ୍ଟେସନରେ ଚାଉଳ ଏବଂ ଅଟା ବିକ୍ରି କରୁଥିବା ଭ୍ୟାନ ପାର୍କ କରିବାକୁ ସ୍ଥାନ ଉପଲବ୍ଧ ହେବ । ଏହି ଭ୍ୟାନରୁ ଚାଉଳ ଏବଂ ଅଟା ବିକ୍ରି ହେବ । ଭାରତ ଅଟା ଏବଂ ଭାରତ ଚାଉଳ ସେଠାରେ ମିଳିବ । ଲୋକଙ୍କୁ ମୁଦ୍ରାସ୍ଫୀତିରୁ ମୁକ୍ତ କରିବା ପାଇଁ କେନ୍ଦ୍ର ଉପଭୋକ୍ତା ବ୍ୟାପାର ମନ୍ତ୍ରଣାଳୟ ଭାରତ ଚାଉଳ ଏବଂ ଭାରତ ଅଟା ବିକ୍ରି ଆରମ୍ଭ କରିଥିଲେ । ଭାରତ ଅଟା ଦର କିଲୋଗ୍ରାମ ପିଛା ୨୭.୫୦ଟଙ୍କା ଥିବାବେଳେ ଭାରତ ଚାଉଳର ମୂଲ୍ୟ କିଲୋଗ୍ରାମ ପିଛା ୨୯ ଟଙ୍କା ହେବ । ରେଳ ଷ୍ଟେସନରେ ମଧ୍ୟ ଏବେ ଏହି ଅଟା ଏବଂ ଚାଉଳ ବିକ୍ରି କରିବାର ଯୋଜନା କରାଯାଇଛି । ଏହାକୁ ପାଇଲଟ ପ୍ରୋଜେକ୍ଟ ଭାବରେ ଚଳାଇବାକୁ ରେଳ ବୋର୍ଡ ନିଷ୍ପତ୍ତି ନେଇଛି । ପ୍ରାରମ୍ଭରେ ଏହାକୁ ୩ ମାସ ପାଇଁ ଆରମ୍ଭ କରାଯିବ । ଯଦି ଏହି ଯୋଜନା ସଫଳ ହୁଏ ତେବେ ଏହା ସବୁଦିନ ପାଇଁ କାର୍ଯ୍ୟକାରୀ ହେବ । ଏହା ଅନ୍ତର୍ଗତ ମନୋନୀତ ଷ୍ଟେସନରେ ଏକ ଭ୍ୟାନ ପାର୍କିଂ କରାଯିବ, ଯେଉଁଥିରେ ଶସ୍ତା ଚାଉଳ ଏବଂ ଅଟା ସନ୍ଧ୍ୟାରେ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବିକ୍ରି ହେବ । ଚାଉଳ ଏବଂ ଅଟା ଦର ସରକାର ସ୍ଥିର କରିବେ । ଅର୍ଥାତ ସେଠାରେ ଇଚ୍ଛାଧୀନ ଦର ଚାର୍ଜ କରାଯାଇପାରିବ ନାହିଁ । ଏହି ପରିପ୍ରେକ୍ଷୀରେ ରେଳ ବୋର୍ଡର ପାସେଞ୍ଜର ମାର୍କେଟିଂ ବିଭାଗର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନୀରଜ ଶର୍ମାଙ୍କ ତରଫରୁ ସମସ୍ତ ଜୋନାଲ ରେଳର ମୁଖ୍ୟ ବାଣିଜ୍ୟ ପରିଚାଳକଙ୍କୁ ଏକ ଚିଠି ପଠାଯାଇଛି । ଜୋନାଲ ରେଳବାଇ ଦ୍ୱାରା ଡିଆରଏମକୁ ଦାୟିତ୍ୱ ଦିଆଯାଇଛି । ଡିଆରଏମ ଏହି ଯୋଜନାକୁ ସେମାନଙ୍କ ସ୍ତରରେ କାର୍ଯ୍ୟକାରୀ କରିବେ । ରେଳ ଷ୍ଟେସନରେ କେଉଁ ଏଜେନ୍ସିକୁ ଦାୟିତ୍ୱ ଦିଆଯିବ ସେ ନେଇ ବିଚାର ବିମର୍ଷ କରାଯାଉଛି । ଅତି କମ୍‌ରେ ଏଜେନ୍ସି ୩ ମାସ କାମ କରିବ ।

## ଏଆଇ କ୍ୟାମେରା...

ଛକରୁ ଖଣ୍ଡଗିରି ଛକର ଦୂରତା ମାତ୍ର ୩ କିଲୋମିଟର । ଉଭୟ ଛକର ମଧ୍ୟବର୍ତ୍ତୀ ଅଞ୍ଚଳରେ ବିଏସ୍‌ଏବିଟି ପ୍ରତିଦିନ ଏଠାରୁ ରାଜ୍ୟ ଭିତରକୁ ତଥା ବାହାରକୁ ଶହ ଶହ ବସ୍ ଯାତାୟାତ କରିବା ଆରମ୍ଭ ହୋଇଯାଇଛି । ମାତ୍ର ଏହି ଦୁଇଟି ଛକ ମଧ୍ୟ ଅନେକ ସମୟରେ ବସ୍ ରାସ୍ତାରେ ଅଟକି ଲୋକ ଉଠାଉଛି । ଫଳସ୍ୱରୂପ ଅନ୍ୟ ବସ୍‌ଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ବାହାରି ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିପାରୁନି । ଗୋଟିଏ ବସ୍‌ର ସମୟ ଏପଟସେପଟ ହେଲେ ସବୁ ବସ୍ ଉପରେ ଏହାର ପ୍ରଭାବ ପଡ଼ୁଛି । ଏହାସହ ଅଟୋ ଚାଳକମାନେ ମଧ୍ୟ ମନଇଚ୍ଛା ଯେଉଁଠି ନାହିଁ, ସେଠି ଗାଡ଼ି ରଖି ଯାତ୍ରୀ ଉଠାଇଛନ୍ତି । ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି । ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ବିଡିଏ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଏହାଦ୍ୱାରା ବିଏସ୍‌ଏବିଟି ବସ୍ ପରିଚାଳନାକୁ ସହଜ କରିବା ସହ ରାସ୍ତାରେ ଟ୍ରାଫିକ ସମସ୍ୟାର ସମାଧାନ ହୋଇପାରିବ । ଏ ସମ୍ପର୍କରେ ବିଡିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଏହି କ୍ୟାମେରାଗୁଡ଼ିକ ଉପରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ନଜର ରଖିବ । ଯାହାଦ୍ୱାରା ପ୍ରତିଦିନ ବିଏସ୍‌ଏବିଟିରୁ ବାହାରି ବିଭିନ୍ନ ସ୍ଥାନକୁ ଯାତ୍ରା କରୁଥିବା ବସ୍‌ଗୁଡ଼ିକର ଗତିବିଧି ସମ୍ପର୍କରେ ଆମେ ଜାଣିପାରିବୁ । ଏହାସହ ବସ୍ ଓ ଅଟୋର ବେଆଇନ ପାର୍କିଂ ଯୋଗୁଁ ବସ୍ ଟର୍ମିନାଲ ପରିସରକୁ ଆସୁଥିବା ଯାତ୍ରୀମାନେ ବିଭିନ୍ନ ସମୟରେ ସମସ୍ୟା ଭୋଗୁଥିଲେ । ଏହି କ୍ୟାମେରା ଲାଗିବା ଦ୍ୱାରା ତାହା ଦୂର ହୋଇପାରିବ । ନିର୍ବାଚନ ଆଚରଣବିଧି ଉଠିବା ପରେ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯିବ । ଟେଣ୍ଡର ଦ୍ୱାରା ଏକ ଘରୋଇ ସଂସ୍ଥାକୁ ଚୟନ କରାଯିବ । ସେ ସର୍ଭେ କରି କେତେ କ୍ୟାମେରା ଆବଶ୍ୟକ ତାହା ଲଗାଇବା ସହ ତା'ର ରକ୍ଷଣାବେକ୍ଷଣା ମଧ୍ୟ କରିବ ।

## ମାଲକାନଗିରିରେ...

ଜଙ୍ଗଲରେ ନିଆଁ ହୁତୁହୁତୁ ହୋଇ ଜଳୁଥିବା ବେଳେ କେଉଁ ସ୍ଥାନକୁ ଯାଇ ନିଆଁ ଲିଭାଇବେ ତାହା ସମସ୍ୟା ସୃଷ୍ଟି କରୁଛି । କର୍ମଚାରୀ ଅଭାବ ଯୋଗୁଁ ବନ ବିଭାଗ ଏବେ ମୁଣ୍ଡରେ ହାତ ଦେଇ ବସିଛି । ଜିଲ୍ଲାର ସମସ୍ତ ବନାଞ୍ଚଳରେ ଏବେ ଜଙ୍ଗଲ ଜଳୁଛି । ଏହାଦ୍ୱାରା ମଧ୍ୟ ଜିଲ୍ଲାରେ ତାତି ବଢୁଛି । ଜିଲ୍ଲାରେ ଏବେ ପାରଦ ୪୩ ଡିଗ୍ରୀ ଟପିଲାଣି । ଜନଜୀବନ ଅସ୍ତବ୍ୟସ୍ତ ହେଲାଣି । ଲୋକେ ଘରୁ ପଦାକୁ ବାହାରିବା ମୁସକିଲ ହୋଇପଡିଛି । ରାତିରେ ଜଙ୍ଗଲରେ ନିଆଁ ଜଳୁଥିବା ବେଳେ ଦିନରେ ସହରରେ ଗ୍ରୀଷ୍ମ ପ୍ରବାହରେ ନିଆଁ ବାହାରୁଛି । ଦିନ ୧୦ଟା ପରେ ଆଉ ଘରୁ ଲୋକେ ବାହାରକୁ ବାହାରୁ ନାହାନ୍ତି । ଦୋକାନ ବଜାର ମଧ୍ୟ ଏକ ପ୍ରକାର ବନ୍ଦ ହୋଇଯାଉଛି । ଦିନରେ ଗରମ ସମ୍ଭାଳି ହେଉନଥିବା ବେଳେ ରାତିରେ ମଧ୍ୟ ନିସ୍ତାର ନାହିଁ । ଏତେ ଗରମ ବଢିବାର ଅନ୍ୟ କାରଣ ମଧ୍ୟରୁ ଜଙ୍ଗଲରେ ନିଆଁ ଲାଗିବା ଅନ୍ୟ ଏକ କାରଣ । ବନ କର୍ମଚାରୀ ଦିନରାତି ଏକ କରି ଜଙ୍ଗଲରେ ଜଗିବା ପରେ ମଧ୍ୟ ଲୋକେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି । ନିଆଁକୁ ଆୟତ୍ତ କରିବାରେ ମୁସକିଲ ହେଉଥିବା ବନ କର୍ମଚାରୀ କହନ୍ତି । ବହୁ ମୂଲ୍ୟବାନ ଗଛ ନିଆଁରେ ପୋଡି ପାଉଁଶ ହୋଇଥିବା ବନ ବିଭାଗ କହୁଛି । ନିଆଁ ଲଗାଉଥିବା ଲୋକଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଗଲେ ହୁଏତ ଜଙ୍ଗଲରେ ନିଆଁ ଲଗାଇବା ବନ୍ଦ ହୋଇପାରେ ବୋଲି କୁହାଯାଇଛି । ଏବେ ରାତିରେ ବନ କର୍ମଚାରୀ ହଇରାଣ ହେଉଥିବା ବେଳେ ଦିନରେ ଜନସାଧାରଣ ହଇରାଣ ହେଉଥିବା ଲକ୍ଷ୍ୟ କରାଯାଇଛି । ଜଙ୍ଗଲର ନିଆଁ ଲିଭାଇବାରେ ବନ ବିଭାଗ କେତେ ସଫଳ ହେଉଛି ଦେଖିବାକୁ ବାକି ରହିଲା ।

## ଗାଜା ଯୁଦ୍ଧକୁ ...

କରିଛନ୍ତି । ଏହି ପ୍ରତିବାଦ ପରେ ଇସ୍ରାଏଲ ସେନା ବର୍ତ୍ତମାନ ଦୁଇଜଣ ଅଧିକାରୀଙ୍କୁ ବରଖାସ୍ତ କରି ସେମାନଙ୍କୁ ଦାୟୀ କରିଛି । ରବିବାର ଇସ୍ରାଏଲ ଉପରେ ହମାସ ଆକ୍ରମଣ ଏବଂ ଏହାର ଉତ୍ତରରେ ଇସ୍ରାଏଲ ସେନାର ଆକ୍ରମଣ ହେବାର ୬ମାସ ଶେଷ ହେବ । ଏହି ସମୟ ମଧ୍ୟରେ, ଇସ୍ରାଏଲରେ ହତ୍ୟା କରାଯାଇଥିବା ୧,୨୦୦ ଇସ୍ରାଏଲ-ବିଦେଶୀ ନାଗରିକଙ୍କ ପ୍ରତିକ୍ରିୟାରେ, ଇସ୍ରାଏଲ ସେନା ଗାଜାରେ ୩୩,୧୩୭ ପାଲେଷ୍ଟାଇନର ଲୋକଙ୍କୁ ହତ୍ୟା କରିଥିଲେ ।

## ଯୁଦ୍ଧକୁ ନେଇ ଇସ୍ରାଏଲ...

ଗାଜା ଉପତ୍ୟକାରୁ ଅଧିକ ସ୍ଥଳସେନା ପ୍ରତ୍ୟାହାର କରିନେଇଛି ଏବଂ ଆକ୍ରମଣ ଆରମ୍ଭ ହେବାର ଛଅ ମାସ ପରେ ସେଠାରେ କେବଳ ଗୋଟିଏ ବ୍ରିଗେଡ ରହିଛି । ୱାଶିଂଟନର ଚାପ ବଢୁଥିବାରୁ ଇସ୍ରାଏଲ ସେନା ମାନବିକ ସ୍ଥିତିରେ ସୁଧାର ଆଣିବା ପାଇଁ ଗାଜାରେ ସୈନ୍ୟ ସଂଖ୍ୟା ହ୍ରାସ କରୁଛି । ପ୍ରତ୍ୟାହାରର କାରଣ କିମ୍ବା ଏଥିରେ ସମ୍ପୃକ୍ତ ନମ୍ବର ବିଷୟରେ ବିସ୍ତୃତ ବିବରଣୀ ଦିଆଯାଇ ନାହିଁ । ନିରୀହ ଶିଶୁଙ୍କ ପାଇଁ ମାନବିକତା ଦୃଷ୍ଟିରୁ ଗାଜାରେ ଇସ୍ରାଏଲ-ହମାସ ସଂଘର୍ଷ ବନ୍ଦ କରିବାକୁ ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନାକ ଆହ୍ୱାନ ଦେଇଛନ୍ତି । ଇସ୍ରାଏଲ-ହମାସ ସଂଘର୍ଷର ୬ ମାସ ପୂର୍ତ୍ତି ଅବସରରେ ଗାଜା ପାଇଁ ସାମୁଦ୍ରିକ ସହାୟତା କରିଡର ପ୍ରତିଷ୍ଠା ପାଇଁ ବ୍ରିଟେନ ରବିବାର ସାମରିକ ଏବଂ ବେସାମରିକ ସହାୟତାର ଏକ ନୂତନ ପ୍ୟାକେଜ ଘୋଷଣା କରିଛି ।

## ଆମେରିକା ସମେତ...

ନାଭିଗେସନ ଏବଂ ଓଭରଫ୍ଲାଇଟ ସ୍ୱାଧୀନତା ରକ୍ଷା କରିବା ପାଇଁ ସାମରିକ ଅଭ୍ୟାସ କରିବେ । ଏହି ବିବୃତ୍ତିରେ ଚୀନର ନାମ ନିଆଯାଇ ନାହିଁ, କିନ୍ତୁ ଚାରି ଦେଶ ସେମାନଙ୍କ ଆଭିମୁଖ୍ୟକୁ ପୁନଃପ୍ରମାଣିତ କରି କହିଛନ୍ତି ଯେ ୨୦୧୬ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆଇନଗତ ଭାବରେ ବାଧ୍ୟତାମୂଳକ । ଚୀନର ଦାବିକୁ ଅନ୍ତର୍ଜାତୀୟ ମଧ୍ୟସ୍ଥତା ଆଇନରେ ଅବୈଧ କୁହାଯାଇଛି । ଚୀନ ମଧ୍ୟସ୍ଥତାରେ ଭାଗ ନେବାକୁ ମନା କରି ଏହି ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଏହାକୁ ଅଣଦେଖା କରିବା ଜାରି ରଖିଛି । ୨୦୧୩ ମସିହାରେ ଫିଲିପାଇନ୍ସ ଚୀନ ସହିତ ବିବାଦକୁ ଅନ୍ତର୍ଜାତୀୟ ମଧ୍ୟସ୍ଥତାକୁ ନେଇଥିଲା ଏବଂ ଏହାର ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲା ।

## ଚୀନର ନକଲି ...

ମାମଲା ନଜରକୁ ଆସିବା ପରେ ଭାରତ ସରକାର ଚୀନରୁ ରସୁଣ ଆମଦାନୀ ଉପରେ କଡ଼ା କଟକଣା ଜାରି କରିବା ସହିତ ଏହା ଉପରେ ରୋକ ଲଗାଇଥିଲେ । ଗତ ମାସରେ ସିକଟା ସୀମା ଶୁଳ୍କ ପୋଷ୍ଟ ଠାରେ ୧.୩୫ କୋଟି ଟଙ୍କାର ୬୪,୦୦୦ କିଲୋଗ୍ରାମ ନକଲି ରସୁଣ ଜବତ କରାଯାଇଥିଲା । ଘରୋଇ ବଜାରରେ ରସୁଣ ଦର ବୃଦ୍ଧି ହେଉଥିବାବେଳେ ଚୀନରୁ ଆସିଥିବା ନକଲି ରସୁଣ କାରବାର ଯୋଗୁ ଅସାଧୁ ବ୍ୟବସାୟୀ ବେଶ୍ ଲାଭାନ୍ୱିତ ହେବାରେ ଲାଗିଛନ୍ତି । ଦେଶରେ ୧୦୦୦ରୁ ୧୨୦୦ ଟନ୍ ନକଲି ରସୁଣ ରହିଥିବା କୁହାଯାଉଛି । ୨୦୨୩ ନଭେମ୍ବରରେ ଦେଶରେ ରସୁଣ ଦର କିଲୋଗ୍ରାମ ପିଛା ୪୫୦ ଟଙ୍କାରୁ ୫୦୦ ଟଙ୍କା ମଧ୍ୟରେ ରହିଥିଲା । ଭାରତ ଏବଂ ଚୀନ ପୃଥିବୀରେ ରସୁଣ ଉତ୍ପାଦନ ତାଲିକାରେ ଶୀର୍ଷରେ ରହିଛନ୍ତି । ଭାରତୀୟ ରସୁଣର ଚାହିଦା କରୋନା ମହାମାରୀ ପରେ ଆମେରିକା, ପଶ୍ଚିମ ଏସିଆ, ବ୍ରାଜିଲ୍‌ରେ ବଢିବାରେ ଲାଗିଛି । ୨୦୨୨-୨୩ରେ ଭାରତ ୫୭,୩୪୬ ଟନ୍ ରସୁଣ ରପ୍ତାନୀ କରିଥିଲା । ଏହାର ଆନୁମାନିକ ମୂଲ୍ୟ ୨୪୬ କୋଟି ଟଙ୍କା ଥିଲା । ସେହିପରି ଭାରତ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୨୭୭ କୋଟି ଟଙ୍କାର ୫୬,୮୨୩ ଟନ୍ ରସୁଣ ବିଦେଶକୁ ରପ୍ତାନୀ କରିଛି ।

# ଜାମସେଦପୁରରେ ଉତ୍କଳ ଦିବସ ପାଳିତ

**ଜାମସେଦପୁର, ନ୍ୟୁଜ ବ୍ୟୁରୋ**

ଉତ୍କଳ ଆସୋସିଏସନ ପକ୍ଷରୁ ଜାମସେଦପୁରଠାରେ ଉତ୍କଳ ଦିବସ ଚଳିତ ବର୍ଷ ମହାସମାରୋହରେ ପାଳନ କରାଯାଇଥିଲା । ଶ୍ରୀ ରବି ନାରାୟଣ ନନ୍ଦ, ଅବସରପ୍ରାପ୍ତ ଆଇ.ଏ.ଏସ୍, ସଂଗୀତ ନିର୍ଦ୍ଦେଶକ ତଥା ସମାରୋହ ପତ୍ରିକାର ସହଯୋଗୀ ସମ୍ପାଦକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଡ. ଶ୍ରୀଧର ପ୍ରଧାନ ସଭାରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇ ଆଗାମୀ ଦିନରେ ଜାମସେଦପୁରରେ ସବୁଠାରୁ ବଡ଼ ଓ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ ସମସ୍ତେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ । ମଞ୍ଚରେ ଟ୍ରଷ୍ଟି ଶ୍ରୀ ମନୋରଞ୍ଜନ ଦାସ, ଡ. ସୀମାଚଳ ରାଉଳ, ଉପସଭାପତି ଡ. ସଂଜୟ ପାତ୍ର, ଶ୍ରୀ ବାଦଲ ଭୂୟାଁ ତଥା ସାଧାରଣ ସମ୍ପାଦକ ତରୁଣ କୁମାର ମହାନ୍ତି ଓ କୋଷାଧକ୍ଷ ଶ୍ରୀ ମନୀଷ ଦାସ ଉପସ୍ଥିତ ଥିଲେ । ମନୋଜ କୁମାର ସାହୁ ମଞ୍ଚ ସଞ୍ଚାଳନ କରିଥିଲେ । ଟ୍ରଷ୍ଟି ଶ୍ରୀ ଦାସ ବିଚ୍ଛିନାଞ୍ଚଳରେ ଓଡ଼ିଆ ଭାଷାକୁ ବଞ୍ଚାଇ ରଖିବାରେ ସ୍ଥାନୀୟ ଓଡ଼ିଆ ଭାଷୀଙ୍କ ଯୋଗଦାନ ବିଷୟରେ ସାରଗର୍ଭକ ଭାଷଣ ଦେଇଥିଲେ । ସମ୍ପାଦକ ଶ୍ରୀ ମହାନ୍ତି ଆସୋସିଏସନ କାର୍ଯ୍ୟକାରୀ କମିଟିର ବଳିଷ୍ଠ ପ୍ରୟାସ ଯୋଗୁ ସୀମିତ ଆୟରେ ବର୍ଷକୁ ୧୦ଟିରୁ ଉର୍ଦ୍ଧ୍ୱ ସାଂସ୍କୃତିକ କାର୍ଯ୍ୟକ୍ରମ କରି ମଧ୍ୟ ଲକ୍ଷାଧିକ ଟଙ୍କାର ସ୍ଥାୟୀଜମା ରହିଥିବାର ଦର୍ଶାଇ ଥିଲେ । ମୁଖ୍ୟ ଅତିଥି ଶ୍ରୀ ନନ୍ଦ ପ୍ରତ୍ୟେକ ଓଡ଼ିଆଙ୍କୁ ଘରେ ନିଜ ପିଲାମାନଙ୍କ ସହ ଅନ୍ତତଃ ଓଡ଼ିଆରେ କଥାହେବାକୁ ଆହ୍ୱାନ କରିବା ସହ ଓଡ଼ିଆଙ୍କର ଅତୀତ, ସମ୍ରାଟ ଖାରବେଳଙ୍କ ରାଜତ୍ୱର ବୀରତ୍ୱର ଗାଥା, ସ୍ୱୟଂ ପ୍ରଭୁ ଜଗନ୍ନାଥ ବଳଭଦ୍ର କଳା ଧଳା ଘୋଡ଼ାରେ ଚଢ଼ି ଓଡ଼ିଆ ରାଜାଙ୍କ କାଞ୍ଚିଅଭିଯାନ ଯୁଦ୍ଧରେ ସୈନ୍ୟ ବେଶରେ ବାହାରିବା ଭଳି ଆମ ଇତିହାସରୁ ବହୁ ଦୃଷ୍ଟାନ୍ତ ଉପସ୍ଥାପନ କରିଥିଲେ ଏବଂ ଉପସ୍ଥିତ ସମସ୍ତ ଓଡ଼ିଆମାନଙ୍କୁ ନିଜ ଓଜସ୍ୱିନୀ ଭାଷଣ ଦ୍ୱାରା ମନ୍ତ୍ରମୁଗ୍ଧ କରିଥିଲେ । ଡ. ସଂଜୟ ପାତ୍ର ସଭା ସମାପନର ଘୋଷଣା ସହ ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ମୁଖ୍ୟ ଅତିଥି, କାର୍ଯ୍ୟକାରୀ କମିଟି, ସମ୍ବାଦ ପ୍ରତିନିଧି, ମହିଳା ଶାଖା, ସମସ୍ତ ଆୟୋଜକ, ଦର୍ଶକ ତଥା ଓଡ଼ିଆ ସମାଜର ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ । ସଭା ଶେଷରେ ସ୍ଥାନୀୟ ପ୍ରତିଭାଶାଳୀ ଯୁବ ଓଡ଼ିଆ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ କନିଷ୍ଠ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲଦଣ୍ଡ

**ଜୟପୁର, ନ୍ୟୁଜ ବ୍ୟୁରୋ**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗୁଣୁପୁର ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ସରୋଜ କୁମାର ପଣ୍ଡାଙ୍କୁ ଜେଲ୍ ଦଣ୍ଡ ହୋଇଛି । ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ମାମଲାର ଶୁଣାଣି କରି କନିଷ୍ଠ ଯନ୍ତ୍ରୀଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୨ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ବି ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦେୟ ହେଲେ ଆଉ ୬ମାସ ସଶ୍ରମ କାରାଦଣ୍ଡ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି । ଅନ୍ୟ ପଟେ ସରୋଜଙ୍କ ସ୍ତ୍ରୀ ଦିପ୍ତୀରାଣୀ ପଣ୍ଡାଙ୍କୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ସରୋଜ କୁମାର ପଣ୍ଡା ବର୍ତ୍ତମାନ ରାୟଗଡ଼ା ବ୍ଲକ କନିଷ୍ଠ ଯନ୍ତ୍ରୀ ଅଛନ୍ତି । କୋର୍ଟ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡାଦେଶ ପାଇଲା ପରେ ସରୋଜ ପଣ୍ଡାଙ୍କୁ ଚାକିରିରୁ ବରଖାସ୍ତ ପାଇଁ ଆବେଦନ କରିବ ।

# ହଜିଥିବା ୧୫ ମୋବାଇଲ ଫୋନ୍ ଉଦ୍ଧାର କଲା ପୁଲିସ

**କଣ୍ଟାବାଞ୍ଜି, ନ୍ୟୁଜ ବ୍ୟୁରୋ**

କଣ୍ଟାବାଞ୍ଜି ସହରରେ ବିଭିନ୍ନ ସମୟରେ ୧୫ଜଣଙ୍କ ଦାମୀ ମୋବାଇଲ ଫୋନ୍ ହଜିଯାଇଥିଲା । ପୁଲିସ ଡାଏରୀ ଏଣ୍ଟ୍ରି କରି, ମୋବାଇଲ ନମ୍ବର ଓ ସେଟ ନମ୍ବର ଟ୍ରାକ କରି ପାଇଥିବା ବିଭିନ୍ନ ଲୋକଙ୍କଠାରୁ ଫୋନ୍ ସବୁ ଉଦ୍ଧାର କରିଥିବା ଜଣାପଡ଼ିଛି । ଏଥିସହ ମୋବାଇଲ ହଜାଇଥିବା ୧୫ଜଣଙ୍କୁ ପ୍ରମାଣ ନେଇ ମୋବାଇଲ ଫୋନ୍ ଜିମା ଦେଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମିତା ବେହେରା ସୂଚନା ଦେଇଛନ୍ତି ।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସଚେତନତା ଅଭିଯାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅପ୍ରେଲ ୭ ତାରିଖ କୁ ସାରା ବିଶ୍ୱରେ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଯାଏ । ଏହି ପରିପ୍ରେକ୍ଷୀରେ ଦେଶର ଅଗ୍ରଣୀ ବ୍ୟାଙ୍କ ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ, ଭୁବନେଶ୍ୱର ଠାରେ ଏକ ଯୁମ୍ବା ଓ ଯୋଗ ଶିବିର, ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ, ଶ୍ରୀ ଦିନେଶ ପରୁଥିଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯାଇ ଅଛି । ଶ୍ରୀ ପରୁଥି ସମସ୍ତ କର୍ମଚାରୀଙ୍କୁ ନିଜ ନିଜର ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ । ତାଲିମ ପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବ୍ୟାୟାମ ଅଭ୍ୟାସ କରାଯାଇଥିଲା । ପ୍ରାୟ ୫୦ ଜଣ କର୍ମଚାରୀ, ଉଚ୍ଚ ଅଧିକାରୀ ଏଥିରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମଟିକୁ ମନୋଜ କୁମାର ସିଂହ, ମଣ୍ଡଳ ବିକାଶ ଅଧିକାରୀ ପରିଚାଳନା କରିଥିଲେ ।

# ଚେତନା ଅନୁଷ୍ଠାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ : ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରବିବାର ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଚେ଼ତନା ଅନୁଷ୍ଠାନ ପକ୍ଷରୁ ପାଳନ କରାଯାଇଅଛି । ଆମନ୍ତ୍ରିତ ଅତିଥିମାନଙ୍କୁ ପ୍ରଥମେ ଚେ଼ତନା ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା, ତା'ପରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଅତିଥି ଭାବେ ଚେତନା ଅନୁଷ୍ଠାନର ପରିଚାଳନା କମିଟି ସଦସ୍ୟ ତଥା ମନସ୍ତତ୍ତ୍ୱବିଦ୍ ପ୍ରଫେସର ଗୋପାଳ କୃଷ୍ଣ ନନ୍ଦ, ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନ, ଚେ଼ତନାର ସ୍ପିଚ୍ ଥେରାପିଷ୍ଟ ଶ୍ରୀ ଅଭିଷେକ ଆଚାର୍ଯ୍ୟ, ଆପୋଲୋ ହସ୍ପିଟାଲର ଦନ୍ତ ଚିକିତ୍ସକ ଡ଼ାଃ ଅଙ୍କିତା ସେନାପତି, ବରିଷ୍ଠ ଦନ୍ତ ଚିକିତ୍ସକ ଡ଼ାଃ ରାଜୀବ ସେଠୀ, ଓଡ଼ିଶା ରାଇଜିଙ୍ଗ ଫାଉଣ୍ଡେସନ, ଚେ଼ତନାର ଫିଜିଓ ଥେରାପିଷ୍ଟ ଶ୍ରୀମତୀ ବି.ଶୁଭଶ୍ରୀ ପ୍ରିୟଦର୍ଶିନୀ, ସ୍ୱତନ୍ତ୍ର ଅଲିମ୍ପିକ୍ ଭାରତର କ୍ଷେତ୍ର ପରିଚାଳକ ଶ୍ରୀ ପ୍ରକାଶ ରଥ ପ୍ରମୁଖ ଯୋଗଦେଇ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନର ବିଶେଷତ୍ୱ ବର୍ଣ୍ଣନା କରିବା ସହ ସଚେତନତା ବାର୍ତ୍ତା ରଖିବା ପରିପ୍ରେକ୍ଷୀରେ ଶ୍ରୀ ରଥ ଶାରୀରିକ ସ୍ୱାସ୍ଥ୍ୟ ଓ ଦିବ୍ୟାଙ୍ଗଙ୍କ ସ୍ୱତନ୍ତ୍ର ଅଲମ୍ପିକ ଉପରେ ବାର୍ତ୍ତା ରଖିଥିଲେ । ଡାକ୍ତର ସେନାପତି ଦନ୍ତ ସ୍ୱଚ୍ଛତା ଓ ଦାନ୍ତ ଚିକିତ୍ସାର ଗୁରୁତ୍ୱ ଉପରେ କହିଥିଲେ । ଡାକ୍ତର ସେଠି ହୃଦ ରୋଗର କାରଣ ଓ ନିରାକରଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ, ଶ୍ରୀମତୀ ଶୁଭଶ୍ରୀ ପ୍ରିୟଦର୍ଶିନୀ ଭୌତିକ ଚିକିତ୍ସାର ଗୁରୁତ୍ୱ ଉପରେ ଏବଂ ପ୍ରଫେସର ନନ୍ଦ ମାନସିକ ସ୍ୱାସ୍ଥ୍ୟ ଉପରେ ବାର୍ତ୍ତା ରଖିଥିଲେ । ସୁସ୍ଥ ରହିବା ପାଇଁ ସୁସ୍ଥ ଖାଦ୍ୟ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଗୋଟିଏ ଦିନରେ ଅତି କମରେ ତିନୋଟି ସୁସ୍ଥ ଏବଂ ପୁଷ୍ଟିକର ଖାଦ୍ୟ ଖାଇବା ନିହାତି ଆବଶ୍ୟକ । ସବୁବେଳେ ରାତ୍ରିଭୋଜନ ହାଲୁକା କରିବା ଦରକାର । ଖାଦ୍ୟରେ ପ୍ରଚୁର ପରିମାଣରେ ଫଳ, ପନିପରିବା, ପୁରା ଶସ୍ୟ, ସୁସ୍ଥ ଚର୍ବି ଏବଂ ପ୍ରୋଟିନ୍ ସମୃଦ୍ଧ ଜିନିଷ ରହିବା ଆବଶ୍ୟକ । ନିୟମିତ ଓ ବାରମ୍ବାର ବ୍ୟାୟାମ ରୋଗ ପ୍ରତିରେଧକ ଶକ୍ତି ବଢ଼ିଥାଏ । ବ୍ୟାୟାମ ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଭଲ ରହେ, ବିଷାଦ ଦୂର ହୁଏ, ଯୁକ୍ତାତ୍ମକ ମନୋବଳ ବୃଦ୍ଧି ହୁଏ ବୋଲି ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା ହୋଇଥିଲା । ପରିଶେଷରେ ଚେ଼ତନା ଅନୁଷ୍ଠାନର ସ୍ୱତନ୍ତ୍ର ଶିକ୍ଷକ ଶ୍ରୀ ବୃନ୍ଦାବନ ଦାସ ଧନ୍ୟବାଦ୍ ଦେଇ ସଭା ଶେଷ କରିଥିଲେ । ଏଥିସହିତ ଚେତନାର ଅନ୍ତେବାସୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ଡେଣ୍ଟାଲ ସ୍କ୍ରିଣିଙ୍ଗ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା । ଉକ୍ତ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଚେତନା ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ବିନୟ ଭୂଷଣ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଚେତନା ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, କର୍ମକର୍ତ୍ତା ଏବଂ ଅଭିଭାବକମାନେ ଉପସ୍ଥିତ ଥିଲେ ଏବଂ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

ଭୁବନେଶ୍ୱର
୦୮ ଅପ୍ରେଲ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ନବୀନ ନିବାସ ଠାରେ ବିଭିନ୍ନ ସଂଗଠନର ପ୍ରତିନିଧିମାନେ '୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ' ଭି.କେ.ପାଣ୍ଡିଆନଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣାରଥ ନିମନ୍ତେ ସେବାୟତ ମହାରଣାମାନେ ରଥଖଳାରେ ଅଖରେ ଚକ ଖଞ୍ଜୁଛନ୍ତି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : କିଟ୍ ଓ କିସ୍ ପକ୍ଷରୁ ବାର୍ଷିକ ଇଫ୍ତାର ପାର୍ଟି ପାଳନ ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ମୁସଲମାନ ଭାଇ ଭଉଣୀ ଏବଂ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏକତା, ଶାନ୍ତି ଓ ସୌହାର୍ଦ୍ଦ୍ୟ ରକ୍ଷା ପାଇଁ ପରାମର୍ଶ ଦେଇଛନ୍ତି। (ଫଟୋ : ସମ୍ବାଦ କଳିକା)

# ତୁରନ୍ତ ପାନୀୟ ଜଳ ସମସ୍ୟାର ସମାଧାନ କର: ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୭/୪**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଫଳରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାନୀୟ ଜଳର ସମସ୍ୟା ଦେଖିବାକୁ ମିଳୁଛି। ତୁରନ୍ତ ଏହି ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା । ଏଥିପାଇଁ ଜିଲ୍ଲାପାଳଙ୍କ ସହିତ ସେ ବିଭିନ୍ନ ଜିଲ୍ଲାର ସ୍ଥିତି ସମୀକ୍ଷା କରିଛନ୍ତି। ଗ୍ରୀଷ୍ମ ଲହରୀ ଜାରି ରହିଥିବାରୁ ସତର୍କତାମୂଳକ ବିଭିନ୍ନ ପଦକ୍ଷେପ ନେବାକୁ ସେ ଜିଲ୍ଲାପାଳ ତଥା ସଂପୃକ୍ତ ବିଭାଗଙ୍କୁ ପରାମର୍ଶ ଦେଇଛନ୍ତି । ସେହିପରି ସାଧାରଣ ନିର୍ବାଚନ ପାଇଁ ରାଜନୈତିକ ଦଳ ପକ୍ଷରୁ ହେଉଥିବା ସାଧାରଣ ସଭା ଖୋଲା ସ୍ଥାନରେ ନକରିବାକୁ ପରାମର୍ଶ ଦେଇଛନ୍ତି । ଦିନରେ ଅଧିକ ତାପମାତ୍ରା ଓ ଗୁଳୁଗୁଳି ହେଉଥିବାରୁ ରାଜନୈତିକ ଦଳ ଏସଆରସିଙ୍କ ମାର୍ଗଦର୍ଶିକା ସଠିକ ଭାବେ ଅନୁପାଳନ କରନ୍ତୁ । ଶ୍ରମ ବିଭାଗ ନିର୍ଦ୍ଦେଶନାମା ଅନୁସାରେ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ସାଢେ ୩ ମଧ୍ୟରେ ଶ୍ରମିକମାନେ ଯେମିତି ଅତ୍ୟଧିକ ଖରାରେ କାର୍ଯ୍ୟ ନକରନ୍ତି, ସେଥିପ୍ରତି ବିଭିନ୍ନ ବ୍ୟବସ୍ଥାର ତଦାରଖ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଆବଶ୍ୟକ ସବୁ ସ୍ଥାନରେ ଜଳଛତ୍ର କାର୍ଯ୍ୟକ୍ଷମ କରାଇବାକୁ କହିଛନ୍ତି । ପାନୀୟ ଜଳ ସମସ୍ତଙ୍କ ପାଇଁ ପ୍ରାଥମିକ ଆବଶ୍ୟକତା। ନିର୍ବାଚନ ଆଦର୍ଶ ଆଚରଣ ବିଧି ଦୃଷ୍ଟିରୁ ବିନା ବ୍ୟାନରରେ କୌଣସି



ପ୍ରଚାର ଉଦ୍ଦେଶ୍ୟରେ ବ୍ୟାନର ବା ଫଟୋ ନ ରଖି ଜଳଛତ୍ର ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି । ବିଭିନ୍ନ ରାସ୍ତାରେ ସ୍ଥାନେ ସ୍ଥାନେ ଲୋକେ ଯେପରି ପାଣି ପାଇବେ, ସେଥିପାଇଁ ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପରାମର୍ଶ ଦେଇଛନ୍ତି । ଯାତ୍ରୀବାହୀ, ମୋ ବସ୍‌ରେ ପ୍ରାଥମିକ ଚିକିତ୍ସା ବାକ୍ସ ସହ ଆବଶ୍ୟକ ଜରୁରୀକାଳୀନ ସ୍ଥିତି ପାଇଁ ପାନୀୟ ଜଳ, ଓଆରଏସ ପ୍ୟାକେଟ ରଖାଯାଉ । ବିଡିଓ, ତହସିଲଦାର, ଉପ-ଜିଲ୍ଲାପାଳ ଆଦି ଅଧିକାରୀମାନେ ବସ୍‌ରେ ଏସବୁ ଅଛି କି ନାହିଁ ଅଚାନକ ଯାଞ୍ଚ କରନ୍ତୁ । ବସ୍‌ରେ ଗଲାବେଳେ କୌଣସି ଯାତ୍ରୀ ଅସୁସ୍ଥ ହେଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ନିକଟରେ ବସ୍ ଅଟକାନ୍ତୁ । ସେଠାରେ ଅଧିକ ଚିକିତ୍ସା ପାଇଁ ଅସୁସ୍ଥ ବ୍ୟକ୍ତିଙ୍କୁ ଛାଡି ପାରିବେ । ଏ ସଂପର୍କରେ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ବସ୍ ମାଲିକଙ୍କୁ ଅଧିକ ସଚେତନ କରାଯାଉ । ବିଭିନ୍ନ ଆପାର୍ଟମେଣ୍ଟ ନିର୍ମାଣସ୍ଥଳରେ ଆବଶ୍ୟକ ଓଆରଏସ, ପାନୀୟ ଜଳ ଆଦି ରହୁଛି କି ନାହିଁ, ତାହା ତଦାରଖ କରାଯାଉ । ବିଭିନ୍ନ ଡାକ୍ତରଖାନାରେ ଅଂଶୁଘାତ ମୁକାବିଲା ନିମନ୍ତେ ଶଯ୍ୟା ପ୍ରସ୍ତୁତି ହେବ । ଜିଲ୍ଲାପାଳମାନେ ଯାଞ୍ଚ କରି ପ୍ରସ୍ତୁତି ସଠିକ ରହିଛି କି ନାହିଁ, ତାହା ଅନୁଧ୍ୟାନ କରିବେ। ହସ୍ପିଟାଲରେ ଜେନେରେଟର ସେଟ୍ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲରେ ନିର୍ଘଣ୍ଟ କରାଯାଇଥିବା ସମୟ ଅନୁସାରେ ଛାତ୍ରଛାତ୍ରୀ ପାଣି ପିଇବା, ବିଦ୍ୟାଳୟରେ ଓଆରଏସ ପ୍ୟାକେଟ ଉପଲବ୍ଧ ହେବା ସହ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କ ସହିତ ନିୟମିତ ସ୍ଥିତି ଯାଞ୍ଚ କରିବାକୁ ଜିଲ୍ଲାପାଳମାନଙ୍କୁ ପରାମର୍ଶ ଦିଆଯାଇଛି । ଛାତ୍ରଛାତ୍ରୀଙ୍କୁ ଛତା, ଆବଶ୍ୟକ ସ୍ଥଳେ ତଉଲିଆ ଓ ପାଣି ବୋତଲ ଆଣିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ମା'ମାନଙ୍କୁ ଏଥିପାଇଁ ସଚେତନ କରିବାକୁ କୁହାଯାଇଛି। ବିଭିନ୍ନ ଜିଲ୍ଲାରୁ ପାନୀୟ ଜଳ ସମସ୍ୟା ନେଇ ଟ୍ୱିଟର ବା ସାମାଜିକ ଗଣମାଧ୍ୟମରେ ଯେଉଁ ଅଭିଯୋଗ ଆସୁଛି, ତାହାକୁ ଗୁରୁତର ସହ ନେଇ ପାନୀୟ ଜଳ ବ୍ୟବସ୍ଥା କରିବାକୁ ସେ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ସଂପର୍କରେ ନିଆଯାଇଥିବା ବିଭିନ୍ନ ବ୍ୟବସ୍ଥା ସଂପର୍କରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ସୂଚନା ଦେଇଛନ୍ତି । ସେହିପରି ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କ ପାଇଁ ପାଣିର ବ୍ୟବସ୍ଥା କରିବାକୁ ଉନ୍ନୟନ କମିଶନର ଅନୁ ଗର୍ଗ ପରାମର୍ଶ ଦେଇଛନ୍ତି । ଜିଲ୍ଲାପାଳମାନେ ସାଧାରଣ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ସତ୍ତ୍ୱେ ମନୁଷ୍ୟର ବଞ୍ଚି ରହିବା ପାଇଁ ପ୍ରମୁଖ ଆବଶ୍ୟକତା ପାନୀୟ ଜଳ ଭଳି ମାନବିକତା ସଂପର୍କିତ ପ୍ରସଙ୍ଗ ଉପରେ ଜିଲ୍ଲାପାଳମାନେ ପ୍ରତିଦିନ କିଛି ସମୟ ସମୀକ୍ଷା କରି ସମସ୍ୟାର ସମାଧାନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି । ପାନୀୟ ଜଳ ଯୋଗାଣ ପାଇଁ ବିଦ୍ୟୁତ ସରବରାହ ଯେପରି ବ୍ୟାଘାତ ନଘଟେ, ସେଥିପାଇଁ ବିଦ୍ୟୁତ ବିତରଣ କମ୍ପାନୀ ସହିତ ନିୟମିତ ବୈଠକ କରି ସମସ୍ୟାର ସମାଧାନ କରାଯାଉଥିବା ସଂପର୍କରେ ଶକ୍ତି ବିଭିଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି । ସେହିପରି ମତଦାନ ଓ ଗଣନା କେନ୍ଦ୍ର ପ୍ରକୋଷ୍ଠରେ ଯେପରି ବିଦ୍ୟୁତ ସରବରାହ ବ୍ୟାଘାତ ନଘଟେ ସେଥିପ୍ରତି ଦୃଷ୍ଟି ଦେବା ସହ ଡିଜି ସେଟ, ଓଆରଏସ ପ୍ୟାକେଟ ଓ ପାନୀୟ ଜଳ ବ୍ୟବସ୍ଥା ପ୍ରତି ସେ ଗୁରୁତ୍ୱାରୋପ କରିଛନ୍ତି । ଗ୍ରୀଷ୍ମ ପ୍ରବାହ ବା ଅଂଶୁଘାତ ଜନିତ କୌଣସି ପ୍ରକାର ଅଘଟଣର ତ୍ୱରିତ ମୁକାବିଲା କରିବାକୁ ଜିଲ୍ଲାପାଳମାନେ ପ୍ରସ୍ତୁତ ରହି ତଦନୁସାରେ ବ୍ୟବସ୍ଥା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆବଶ୍ୟକ ସମୟରେ ଆଶା, ଅଙ୍ଗନବାଡି କର୍ମୀମାନେ ବିନା ମୂଲ୍ୟରେ ଯେପରି ଓଆରଏସ ଯୋଗାଇଦେବେ, ସେଥିପ୍ରତି ବ୍ୟବସ୍ଥା କରିବାକୁ କହିଛନ୍ତି । ପ୍ରଚଣ୍ଡ ରୌଦ୍ରତାପରେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିବାର ସମ୍ଭାବନା ଦୃଷ୍ଟିରୁ ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ସମ୍ଭାବ୍ୟ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି । ଯେଉଁ ସ୍ଥାନରେ ଜଳ ଉତ୍ସରେ ପାଣିର ଅଭାବ ରହିଛି, ସେସବୁ ଅଞ୍ଚଳର ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ବିଦ୍ୟାଳୟମାନଙ୍କରେ ଅଦ୍ୟାବଧି ନଳକୂପଗୁଡିକର ମରାମତି ଆବଶ୍ୟକତା ରହିଛି, ତାହାକୁ ପଞ୍ଚାୟତିରାଜ ବିଭାଗ ସହାୟତାରେ ତ୍ୱରିତ ସଚଳ କରାଯିବା ଆଦି ସଂପର୍କରେ ବୈଠକରେ ଆଲୋଚନା ହୋଇଛି । ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନଗର ଉନ୍ନୟନ ଓ ସହରାଞ୍ଚଳ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥି ଭାଥାନନ୍, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଅର୍ଥ ବିଭାଗ ତଥା ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଆଶ୍ୱତୀ ଏସ, ଓସଡମାର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜ୍ଞାନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭିସି ଜରିଆରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ସାମିଲ ହୋଇଥିଲେ ।

# କଟକରେ ବ୍ୟାପିଲା ଜଣ୍ଡିସ୍ : ୮୬ରୁ ଅଧିକ ଆକ୍ରାନ୍ତ

**କଟକ, ୦୭/୦୪ ନ୍ୟୁଜ ବ୍ୟୁରୋ**

କଟକରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଅମୃତ ପାଣି ଏବେ ଲୋକଙ୍କ ପାଇଁ ବିଷ ହୋଇଛି। କଟକ ପୌର ନିଗମର ୫୨ ନମ୍ବର ୱାର୍ଡରେ ଏହି ପାଣି ପିଇ ଏବେ ୮୬ରୁ ଅଧିକ ଲୋକ ଜଣ୍ଡିସରେ ଆକ୍ରାନ୍ତ ହେଲେଣି। ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢୁଥିବା ଅଭିଯୋଗ ହେଉଛି। ରାଜେନ୍ଦ୍ର ନଗର ମଙ୍ଗଳା ମନ୍ଦିର ପୋଷ୍ଟ ଅଫିସ୍ ଠାରୁ ବିଜୟଲକ୍ଷ୍ମୀ ମଣ୍ଡପ ପର୍ଯ୍ୟନ୍ତ ଯାଇଥିବା ଟ୍ୟାପ୍ ପାଣି ଏହି ଅଞ୍ଚଳର ଲୋକ ବ୍ୟବହାର କରୁଥିବାରୁ ଏହି ପାଣି ପିଇ ସେମାନେ ଆକ୍ରାନ୍ତ ହୋଇଥିବା କୁହାଯାଉଛି। ଏସଂପର୍କରେ ସ୍ଥାନୀୟ ସମାଜସେବୀ ପ୍ରଦୀପ୍ତ ଆଚାର୍ଯ୍ୟ କହିଛନ୍ତି ଯେ ଟ୍ୟାପ୍‌ରେ ଆସୁଥିବା ଦୂଷିତ ପାଣି ପିଇ ଅଞ୍ଚଳରେ ଜଣ୍ଡିସ ବ୍ୟାପିବାରେ ଲାଗିଛି। ପୋଷ୍ଟ ଅଫିସ୍ ଲେନ୍‌ରେ ରହୁଥିବା ପ୍ରଶାନ୍ତ ପଣ୍ଡାଙ୍କ ପୂରା ପରିବାର ଏବେ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଶାନ୍ତଙ୍କ ଅଭିଯୋଗ ଅନୁଯାୟୀ ସେ ଏ ସଂପର୍କରେ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କଟକ ପୌର ନିଗମରେ ବି ଅଭିଯୋଗ କରିଥିଲେ। କିନ୍ତୁ ତୁରନ୍ତ ପଦକ୍ଷେପ ନେବା ବଦଳରେ ଏ କାମ ୱାଟ୍‌କୋର ବୋଲି କହି ସିଏମ୍‌ସି କର୍ତ୍ତୃପକ୍ଷ ଚୁପ୍ ବସିବାରୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୱାର୍ଡର ଏଭଳି ସ୍ଥିତି ସଂପର୍କରେ କର୍ପୋରେଟର ସୌଭାଗିନୀ ଜେନା କହିଛନ୍ତି ଯେ ପାଣି ପାଇପ୍ ବାରମ୍ବାର ଫାଟି ସେଥିରେ ନଳା ପାଣି ମିଶି ଦୂଷିତ ହେଉଛି। ସେହି ପାଣି ବ୍ୟବହାର କରି ୱାର୍ଡର ଅନେକ ପରିବାର ଜଣ୍ଡିସରେ ଆକ୍ରାନ୍ତ ହୋଇଛନ୍ତି। ଏ ସଂପର୍କରେ ଅଭିଯୋଗ ପାଇବା ପରେ ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହିତ ୱାଟକୋ କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ସେମାନେ ଏହାକୁ ସେତିକି ଗୁରୁତ୍ୱ ଦେଇ କାମ କରୁନାହାନ୍ତି। ଅଳ୍ପ କିଛି କାମ କରି ଛାଡ଼ି ଚାଲି ଯାଉଛନ୍ତି। ଏ ସଂପର୍କରେ ସିଏମସି ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇବା ପରେ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଅଞ୍ଚଳକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି ବୋଲି କର୍ପୋରେଟର କହିଛନ୍ତି। କିନ୍ତୁ ସିଧା ଟ୍ୟାପ୍‌ରୁ ଶୁଦ୍ଧ ପାଣି ପିଇବା ପାଇଁ ପ୍ରଚାର କରାଯାଉଥିବା ବେଳେ ଟ୍ୟାପ୍‌ର ଦୂଷିତ ପାଣି ପିଇ ଲୋକେ ଜଣ୍ଡିସରେ ଆକ୍ରାନ୍ତ ହେବା ଏବେ ପ୍ରତିକ୍ରିୟାର କାରଣ ହୋଇଛି। ଖରା ଦିନେ ୱାଟକୋ ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ ନ କରି ନିଷ୍କ୍ରିୟ ରହିବା ଘଟଣା ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ଏଭଳି ସମସ୍ୟା ରହିଲେ କେବଳ ଏହି ନିର୍ଦ୍ଦିଷ୍ଟ ୱାର୍ଡ ନୁହେଁ, କଟକ ସହରରେ ବି ଜଳଜନିତ ରୋଗ ବ୍ୟାପକ ହେବା ଆଶଙ୍କା କରାଯାଉଛି।

## ଜେଲ୍ ପାଚେରୀ ଡେଇଁ ଚମ୍ପଟ ମାରିଲେ ଦୁଇ ବିଚାରାଧୀନ କଏଦୀ

**ଭବାନୀପାଟଣା, ୭/୪ ନ୍ୟୁଜ ବ୍ୟୁରୋ**

ପୋଲିସକୁ ଚକମା ଦେଇ ଜେଲରୁ ଚମ୍ପଟ ମାରିଲେ କଏଦୀ । ରବିବାର କଳାହାଣ୍ଡି ଜିଲ୍ଲା ମୁଖ୍ୟ କାରାଗାରରୁ ଦୁଇ ଜଣ ବିଚାରଧୀନ କଏଦୀ ଫେରାର୍ ହୋଇଯାଇଛନ୍ତି । ଜେଲ୍ ପାଚେରୀ ଡେଇଁ ଦୁହେଁ କୁଆଡେ ଛୁ' ମାରିଛନ୍ତି। ଏହି କଏଦୀମାନେ ହେଲେ ସିକନ୍ଦର ଜାଲ ଏବଂ ନୀଳମଣି ବିଭାର । ଉଭୟ ପୋକ୍ସୋ ଆକ୍ଟରେ ଗିରଫ ହୋଇ ବିଚାରାଧୀନ କଏଦୀ ଭାବେ ଜେଲ୍‌ରେ ଥିଲେ । ରବିବାର ସକାଳେ ବଗିଚାରେ କାମ କରିବାକୁ ଯାଇଥିବା ବେଳେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ ପୋଲିସକୁ ଚକମା ଦେଇ ଦୁହେଁ ଫେରାର୍ ମାରିଛନ୍ତି। ତେବେ ଜେଲ୍ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏହା ଘଟଣା ଘଟିଥିବା ଅଭିଯୋଗ ହୋଇଛି ।

# ବିଜେଡିରେ ମିଶିଲେ ବିଜେପିର ଲେଖାଶ୍ରୀ ଓ କଂଗ୍ରେସର ଗଣେଶ୍ୱରଙ୍କ ସମେତ ବହୁ କର୍ମୀ

**ଭୁବନେଶ୍ୱର,୭/୪ ନ୍ୟୁଜ ବ୍ୟୁରୋ**

ବିଜେଡିରେ ସାମିଲ ହେଲେ ବରିଷ୍ଠ ବିଜେପି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର। ଶଙ୍ଖ ଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡିରେ ସେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ସାଂସଦ ମାନସ ମଙ୍ଗରାଜ ଲେଖାଶ୍ରୀଙ୍କୁ ବିଜେଡିକୁ ସ୍ୱାଗତ କରିଥିଲେ । ଏହି ଅବସରରେ ସାଂସଦ ସସ୍ମିତ ପାତ୍ର ଏବଂ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ରବିବାର ସକାଳୁ ଲେଖାଶ୍ରୀ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ଏନେଇ ସେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିଲେ । ବିଜେପିରେ ଉପସଭାପତି ଥିଲେ ଲେଖାଶ୍ରୀ। ବିଜେଡିରେ ସାମିଲ ହେବା ପରେ ଲେଖାଶ୍ରୀ କହିଛନ୍ତି, 'ବିଜେଡି ଖୋଲା ହୃଦୟରେ ଗ୍ରହଣ କରିଥିବାରୁ ଧନ୍ୟବାଦ । ମୁଁ ବିଜେପି ଛାଡିଛି । କୌଣସି ପରିବର୍ତ୍ତନ ସହଜ ନୁହେଁ । ହେଲେ ପରିବର୍ତ୍ତନ ନିରନ୍ତର, ଆଗକୁ ଯିବାକୁ ହେଲେ ପରିବର୍ତ୍ତନର ସମ୍ମୁଖୀନ ହେବାକୁ ପଡିବ । ୧୦ ବର୍ଷ ହେବ ବିଜେପି ପାଇଁ ଶତ ପ୍ରତିଶତ କାର୍ଯ୍ୟ କରିଥିଲି। ଲୋକସେବା ଇଚ୍ଛା ସେଠି ପୂରଣ ହୋଇପାରୁନି । ଏତେ ନିଷ୍ଠା ସହ କାମ କରିବା ସତ୍ତ୍ୱେ ନେତୃତ୍ୱର ଭରଷା ପାଇଲା ନାହିଁ । ମୋ ସହ ବିଜେପିର କାମ ଏତିକି ଥିଲା ବୋଲି ଅନୁଭବ ହେଲା ।' ଆଗକୁ ସେ କହିଛନ୍ତି, 'ଓଡ଼ିଶାରେ ବିକାଶର ସ୍ରୋତ ବୁହାଉଥିବା ମୁଖ୍ୟମନ୍ତ୍ରୀଙ୍କ ବିକାଶ ଯାତ୍ରାରେ ସାମିଲ ହେବାକୁ ନିଷ୍ପତ୍ତି



ନେଲି । ମୁଖ୍ୟମନ୍ତ୍ରୀଙ୍କ ପାଖରେ କୃତଜ୍ଞ। ୫-ଟି କାମ ପାଇଁ କାର୍ତ୍ତିକ ପାଣ୍ଡିଆନ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ । ଓଡ଼ିଆ ଅସ୍ମିତା, ଓଡ଼ିଶାର ବିଶ୍ୱସ୍ତରୀୟ ପରିଚୟ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଅନୁପ୍ରାଣିତ ହୋଇ ଗୁଣ୍ଡୁଚି ମୂଷା ପରି କାମ କରିବି। ଓଡ଼ିଶାବାସୀଙ୍କ ସେବା କରିବା ମୋ ଉଦ୍ଦେଶ୍ୟ । ମାନସ କହିଛନ୍ତି, ଲେଖାଶ୍ରୀଙ୍କ ଯୋଗଦାନ ଦଳକୁ ଆହୁରି ସୁସଂଗଠିତ କରିବ । ରାଜ୍ୟ ରାଜନୀତିରେ ସେ ଜଣେ ପରିଚିତ ନାଁ। ମୁଖ୍ୟମନ୍ତ୍ରୀଙ୍କ ସୁଶାସନ ଓ ବିକାଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗ ଦେଇଛନ୍ତି । ସାଂସଦ ସସ୍ମିତ ପାତ୍ର କହିଛନ୍ତି, ଲେଖାଶ୍ରୀ ମିଡ଼ିଆ ଡିବେଟରେ ବନ୍ଧୁ ପରି କାମ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନରେ ଲେଖାଶ୍ରୀଙ୍କ ଅବଦାନ ରହିବ, ଦଳ ସୁସଂଗଠିତ ହେବ । ସେହିପରି ହଜାର ହଜାର ସମର୍ଥକଙ୍କ ସହ ଆସି ଶଙ୍ଖ ଭବନରେ ବିଜେଡିରେ ମିଶିଲେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା। ବିଜେଡିରେ ମିଶିବା ପୂର୍ବରୁ ଗଣେଶ୍ୱର ରାଜଧାନୀରେ ନିଜ ଶକ୍ତି ପ୍ରଦର୍ଶନ କରିଛନ୍ତି । ହଜାର ହଜାର କର୍ମୀଙ୍କ ସହ ବିରାଟ ପାଟୁଆରରେ ପହଞ୍ଚି ଥିଲେ ଶଙ୍ଖ ଭବନରେ । କିଛି ସମୟ ପାଇଁ ରାଜଧାନୀ ରାଜରାସ୍ତା ଜନ ସମୁଦ୍ରରେ ପରିଣତ ହୋଇଯାଇଥିଲା। ଗଣେଶ୍ୱରଙ୍କ ସହ ଏକାଧିକ ନେତା ଓ କର୍ମୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ସାଂସଦ ସସ୍ମିତ ପାତ୍ର, ବିଧାୟକ ପ୍ରତାପ ଜେନା ଏବଂ ବରିଷ୍ଠ ବିଜେଡି ନେତା ଶଶୀଭୂଷଣ ବେହେରା ଗଣେଶ୍ୱର ଏବଂ ତାଙ୍କ ସମର୍ଥକଙ୍କୁ ବିଜେଡିକୁ ସ୍ୱାଗତ କରିଥିଲେ । ଗତ ଏପ୍ରିଲ ଦୁଇ ତାରିଖରେ କଂଗ୍ରେସରୁ ଇସ୍ତଫା ଦେଇଥିଲେ ଗଣେଶ୍ୱର । ରବିବାର ସମର୍ଥକଙ୍କ ସହ ବିରାଟ ପଟୁଆରରେ ଶଙ୍ଖ ଭବନ ଆସି ବିଜେଡିରେ ଯୋଗ ଦେଇଛନ୍ତି । ସେ ଦୁଇ ଥର କଂଗ୍ରେସରୁ ବିଧାୟକ ହୋଇଥିଲେ। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ, ସଂଗଠନ ସମ୍ପାଦକଙ୍କ ପକ୍ଷରୁ ସ୍ୱାଗତ କରିଥିଲେ ସାଂସଦ ସସ୍ମିତ ପାତ୍ର । ସସ୍ମିତ କହିଛନ୍ତି, ଗଣେଶ୍ୱର ଓଡ଼ିଶାର ବିଶିଷ୍ଟ ନେତା । ସେ ପିସିସି ଉପସଭାପତି ଥିଲେ । ସେ ବୌଦ୍ଧିକ ସ୍ତରରେ ସମୃଦ୍ଧ । ଗଣେଶ୍ୱରଙ୍କ ସହ ୪୯ ଜଣ ପଞ୍ଚାୟତ ସଭାପତି ବି କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ପ୍ରତାପ ଜେନା କହିଲେ, ଗଣେଶ୍ୱର ଜଣେ କ୍ରାନ୍ତିକାରୀ, ଲଢୁଆ ଓ ପୁରୁଖା ନେତା। ଆଜି ବିଜେଡି ତାଙ୍କୁ ପାଇ ବହୁତ ଖୁସି । ବିଶ୍ୱାସ ଅଛି, ମୁଖ୍ୟମନ୍ତ୍ରୀଙ୍କ ବିକାଶ କାମକୁ ସମସ୍ତେ ମିଳିମିଶି ଆହୁରି ତ୍ୱରାନ୍ୱିତ କରିବା । କେନ୍ଦ୍ରାପଡ଼ା ବିଧାୟକ ଶଶୀ ବେହେରା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, ଗଣେଶ୍ୱରଙ୍କ ଯୋଗୁଁ ତୃଣମୂଳ ସ୍ତରର ସଂଗଠନ ଆହୁରି ସଂଗଠିତ ହେବ । ବିଜେଡିରେ ଯୋଗଦେବା ପରେ ଗଣେଶ୍ୱର କହିଛନ୍ତି, 'ବିଜେଡି ସଭାପତି ନବୀନ ପଟ୍ଟନାୟକ ବିକାଶ ପୁରୁଷ । ସେ ବିଶ୍ୱାସ କରନ୍ତି ଓଡ଼ିଶାର ବିକାଶ, ସମ ବିକାଶ, ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ବିକାଶ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦ୍ରାପଡ଼ା ଓ ଓଡ଼ିଶା ବିକାଶକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ବିଜେଡିରେ ମିଶିଛି। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଢେଙ୍କାନାଳର ପରଜଙ୍ଗ ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡିର ମିଶ୍ରଣ ପର୍ବ ହୋଇଛି। ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା। ପରଜଙ୍ଗ ନିର୍ବାଚନମଣ୍ଡଳୀ କଙ୍କଡାହାଡ଼ ବ୍ଲକ ବାଲିକୁମା ପଞ୍ଚାୟତ ହାତୀବାରି ଠାରେ ବିଜେଡିର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରି ଆଦିବାସୀମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉନ୍ନତିମୂଳକ କାର୍ଯ୍ୟଶୈଳୀରେ ଅନୁପ୍ରାଣିତ ହୋଇ ଶହେରୁ ଊର୍ଦ୍ଧ୍ୱ ଆଦିବାସୀ ପୁରୁଷ ଓ ମହିଳା ବିଜେଡିରେ ଯୋଗ ଦେଇଛନ୍ତି। ସ୍ଥାନୀୟ ବିଧାୟକ ଡ. ନୃସିଂହ ସାହୁଙ୍କ ଉପସ୍ଥିତିରେ ସେମାନେ ଦଳରେ ସାମିଲ ହୋଇଛନ୍ତି।




ସମ୍ପାଦକୀୟ
ପୃଷ୍ଠା-୪
ପ୍ରଚାରକୁ ବିଶ୍ୱାସ କରି ଭାରତ ବଡ଼ ଭୁଲ କରୁଛି
୧୮୬୬ରେ ପ୍ରକାଶିତ
ଓଡ଼ିଶାର ସର୍ବପୁରାତନ ସମ୍ବାଦପତ୍ର
RNI Regd. No. : ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol -7 • Issue-49 • 3rd-9th April 2024 • Bhubaneswar
ମାସିକ ଗଳ୍ପ ପତ୍ରିକା 'କଥାକଳିକା'ର ୧୦ମ ବାର୍ଷିକ ଜନ୍ମୋତ୍ସବ ଓ ସାରସ୍ୱତ ସମାରୋହ
ଭାଷାପ୍ରୀତି ଜାଗ୍ରତ ନ ହେଲେ ଓଡ଼ିଆ ସାହିତ୍ୟ ବଞ୍ଚିପାରିବ ନାହିଁ : ତଥାଗତ ସତପଥୀ
ସାହିତ୍ୟର ସୀମା ସରହଦ ବ୍ୟାପକ : ଗୌରହରି ଦାସ
ପୁରସ୍କୃତ ଓ ସମ୍ବର୍ଦ୍ଧିତ ହେଲେ ୧୬ ଜଣ ସାରସ୍ୱତ ସାଧକ
ଏପ୍ରିଲ ୬ରେ ମହାବାରୁଣେଶ୍ୱର ବୁଡ଼
୧୨ ବର୍ଷରେ ଏକାଠି ହେବେ ୪ ଠାକୁର
ହେଉନି ହାଣ୍ଡିଭଙ୍ଗା ଯାତ, ଆଶଙ୍କାରେ ବୁଡ଼

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com



## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା'ର ଏପ୍ରିଲ ସଂଖ୍ୟା, ୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସଚ୍ଚିଦା ନନ୍ଦ କର,
**ସମକାଳର କଥା :** ଶୈଳେନ୍ଦ୍ର କୁମାର ଜେନା, ମନୋଜ ମହାନ୍ତି, ଭାଗିରଥୀ ବେହେରା, ସୁନୀତା କର, ନଗେନ୍ଦ୍ର କୁମାର ପ୍ରଧାନ, ସୁନନ୍ଦା ମହାନ୍ତି।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବ ମାନସର କଥା :** ପଦ୍ମାଳୟା ପାଢ଼ୀ, ଶିବମ୍ ପଟ୍ଟନାୟକ, ସତ୍ୟ ରଂଜନ ସାହୁ, ଅଶୋକ କୁମାର ମିଶ୍ର, ପ୍ରକାଶ କୁମାର ସାହୁ, ମନୋରମା ସାହୁ ଏବଂ 'କଥାକଳିକା' ୧୦ମ ବାର୍ଷିକ ଜନ୍ମ ଉତ୍ସବ ସମାଚାର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ – (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)